# ଓଡିଆ କବିତାରେ ନୂତନ ଦର୍ଶନ ଓ ମହାକବି ସଚ୍ଚି ରାଉତରାୟଙ୍କ କାବ୍ୟଦୃଷ୍ଟି

ଡକ୍ଟର ନୃସିଂହ ଷଡଙ୍ଗୀ

ଆଧୁନିକ ଓଡ଼ିଆ କବିତାରେ ନୂତନ ଭାବଧାରା ସୃଷ୍ଟିରେ କବି ସଚ୍ଚି ରାଉତରାୟଙ୍କ କାବ୍ୟ-ସ୍ୱର-ସ୍ୱତନ୍ତ୍ର । ପ୍ରଗତିବାଦୀ ଚିନ୍ତାଧାରା ଓ ପ୍ରୟୋଗାତ୍ମକ ଅନୁଶୀଳନରେ ତାଙ୍କ କାବ୍ୟ-ସାଧନା ଉର୍ଜସ୍ୱଳ । ଏହି ମହାନ୍ ସାଧକ ଓଡ଼ିଶାର ଗର୍ବ ଓ ଗୌରବ । ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଏହି କାବ୍ୟ-ପାର୍ଥ ନିଜ ତିରୋଧାନ ପରେବି ପ୍ରତିଭା ବିଚାରରେ ଅତୁଳନୀୟ ମନେ ହୁଅନ୍ତି । ଏହି ପ୍ରତିଭାଧର କାବ୍ୟ ଶିଳ୍ପୀଙ୍କର ଜନ୍ମ ଖୋର୍ଦ୍ଧା ନିକଟସ୍ଥ ଗୁରୁଜଙ୍ଗ ଗ୍ରାମରେ ୧୯୧୩ ସାଲ ମଇ ମାସ ୧୩ ତାରିଖରେ । ତାଙ୍କ ପିତା ପ୍ରସନ୍ନ କୁମାର ରାଉତରାୟ ଓ ମାତା ମୁକ୍ତା ଦେବୀ ଜୀବତାବସ୍ଥାରେ ଥିଲେ ମଧ୍ୟ କବି ତାଙ୍କର ଜ୍ୟେଷ୍ଠ ପିତା ସଦାନନ୍ଦ ରାଉତରାୟଙ୍କ ଦ୍ୱାରା ପୋଷ୍ୟପୁତ୍ର ରୂପେ ଗୃହୀତ ହୋଇଯାଇଥିଲେ । ପ୍ରଥମେ ଯାଜପୁରରେ ଓ ତତ୍‌ପରେ ପୁରୀର ହାଇସ୍କୁଲମାନଙ୍କରେ ଅଧ୍ୟୟନ କରି କଲିକତାର ବ୍ରାହ୍ମବୟଜ ସ୍କୁଲରୁ ସେ କୃତିତ୍ୱ ସହକାରେ ପ୍ରଥମଶ୍ରେଣୀରେ ମାଟ୍ରିକ୍ୟୁଲେସନ ପାଶ୍ କରିଥିଲେ । ବନାରସ ହିନ୍ଦୁ ବିଦ୍ୟାଳୟକୁ ଆଇ.ଏ ପଢିବାକୁ ଯାଇ ମଧ୍ୟ ଫେରିଆସି କଲିକତାର ସିଟି କଲେଜରେ ସେ ଯୋଗଦେଲେ । ମାତ୍ର ପରୀକ୍ଷା ପୂର୍ବରୁ ରାଜନୈତିକ ଷଡଯନ୍ତ୍ରରେ ସମ୍ପୃକ୍ତ ହୋଇ ଜେଲ୍ ଭୋଗିଥିଲେ । ତଥାପି ଜାମିନରେ ମୁକ୍ତିପାଇ ସେ ପରୀକ୍ଷା ଦେବାର ସୁଯୋଗ ପାଇଥିଲେ ଓ ଆଇ.ଏରେ କୃତକାର୍ଯ୍ୟ ହୋଇଥିଲେ । ରେଭେନ୍ସା କଲେଜରେ ସେ ବି.ଏ ପଢିଲେ । ୧୯୩୭ରୁ ୧୯୩୯ ମସିହା ପର୍ଯ୍ୟନ୍ତ ଛାତ୍ର ଜୀବନ ରେଭେନ୍‌ସାରେ କଟାଇ ପରିଶେଷରେ ଏମ୍.ଏ ଓ ଆଇନ ପଢିବା ପାଇଁ ଅନୁମତି ମିଳିନଥିବାରୁ ତାଙ୍କର ଛାତ୍ରଜୀବନରେ ଯବନିକା ପତନ ହୋଇଥିଲା । ସେ ବହୁତ ବର୍ଷ ପର୍ଯ୍ୟନ୍ତ କଲିକତାରେ ରହିଯାଇଥିଲେ । ୧୯୪୨ ମସିହାଠାରୁ ସେ ଚାକିରି କ୍ଷେତ୍ରରେ ଯୋଗଦେଲେ । ପ୍ରଥମେ ସେ ମୁଖ୍ୟ ଲେବର ଓ୍ୱେଲଫେଆର ଅଫିସର ରୂପେ କେଶୋରାମ କଟନ ମିଲ୍‌ସରେ, ତତ୍‌ପରେ ୧୯୫୨ରୁ ୧୯୬୨ ମସିହା ପର୍ଯ୍ୟନ୍ତ ସେ ସେହି ଲୁଗାକଳରେ ଏକ୍‌ଜିକ୍ୟୁଟିଭ ଅଫିସର ଭାବେ କାର୍ଯ୍ୟ କରିଥିଲେ । ସେ ପିଲାଦିନୁ ଅନ୍ୟାୟ ଅବିଚାର ବିରୋଧରେ ବିଦ୍ରୋହ କରି ଆସିଛନ୍ତି । ତା' ଫଳରେ ତାଙ୍କୁ ଅନେକ ଥର କାରାବରଣ କରିବାକୁ ପଡିଥିଲା । ୧୯୪୫ ମସିହାରେ କବିଙ୍କ ପରିଣୟ ଆନ୍ଧ୍ରର ବିଖ୍ୟାତ ନ୍ୟୁଜଭିଡ ରାଜବଂଶୀୟ ଗୋଲାପଲ୍ଲୀ ରାଜାଙ୍କର କନିଷ୍ଠା କନ୍ୟା ଶ୍ରୀମତୀ ଭୂଦେବୀଙ୍କ ସହିତ ସମ୍ପାଦିତ ହୋଇଥିଲା । କବି ସଚ୍ଚିଦାନନ୍ଦ ରାଉତରାୟଙ୍କର କବିତାବଳୀ ଜୈବିକ ରସବୀଜରେ ପୂର୍ଣ୍ଣ । ସେ ତାଙ୍କର ଅକ୍ଷୟ ସାହିତ୍ୟ ସୃଷ୍ଟି ପାଇଁ ଆନ୍ତର୍ଜାତିକ ଖ୍ୟାତିଲାଭ କରିଅଛନ୍ତି । ୧୯୨୮ ମସିହାରୁ ସେ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନା କ୍ଷେତ୍ରରେ ସାଧନାରତ ରହି ବହୁ କବିତା, କାବ୍ୟ, ଗଳ୍ପ, ଉପନ୍ୟାସ, ସମାଲୋଚନା ଇତ୍ୟାଦି ସୃଷ୍ଟି କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧିରେ ସକ୍ଷମ ହୋଇଅଛନ୍ତି । ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଶ୍ୟାମ(ଆଇଲାଣ୍ଡ), ସିଂହଳ, ଇଣ୍ଡୋନେସିଆ, ଜାପାନ ପ୍ରଭୃତି ଦେଶମାନଙ୍କରେ ନାନା ସାଂସ୍କୃତିକ ତଥା ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ଯୋଗଦେଇ ନିଜେ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତିକୁ ଓ ଓଡ଼ିଆ ସାହିତ୍ୟକୁ ବିଦେଶୀଙ୍କ ଦୃଷ୍ଟିରେ ସାର୍ଥକ ରୂପାୟନ ଘଟାଇବାରେ ସମର୍ଥ ହୋଇଛନ୍ତି । ୧୯୫୫ ମସିହାରେ ଆମେରିକାର ହାର୍ଭାଡ ବିଶ୍ୱବିଦ୍ୟାଳୟ ଦ୍ୱାରା ସେ ନିମନ୍ତ୍ରିତ ହୋଇ ଆନ୍ତର୍ଜାତିକ କଳା ଓ ବିଜ୍ଞାନ ସେମିନାରରେ ଅଂଶଗ୍ରହଣ କରିବାକୁ ଯାଇଥିଲେ । ସେଠାରୁ ସେ ନ୍ୟୁୟର୍କ, ଓ୍ୱାଶିଂଟନ ତଥା ବୋଷ୍ଟନର ସାଂସ୍କୃତିକ ଅନୁଷ୍ଠାନରେ ଯୋଗଦେବା ସଙ୍ଗେ ସଙ୍ଗେ ଇଂଲଣ୍ଡ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ ଓ ସୁଇଜରଲ୍ୟାଣ୍ଡ ଆଦି ଦେଶ ଭ୍ରମଣରେ

ଯିବାର ସୁଯୋଗ ପାଇଥିଲେ । ୧୯୬୨ରେ ପୁଣି କବି ଆମେରିକା ଭ୍ରମଣରେ ଗଲେ । ଓଡ଼ିଆ କବି ଭାବରେ ସଚ୍ଚିଦାନନ୍ଦ ରାଉତରାୟ ଭାରତର ସାହିତ୍ୟିକଗୋଷ୍ଠୀ ମଧ୍ୟରେ ଏକ ମୁଖ୍ୟ ଆସନ ଦାବି କରି ଆସିଛନ୍ତି । ସଚ୍ଚି ରାଉତରାୟଙ୍କ ସାହିତ୍ୟିକ ଅବଦାନରେ ଆଧୁନିକ ଓଡ଼ିଆ ସାହିତ୍ୟ ଏକ ନିର୍ଦ୍ଦିଷ୍ଟ ରୂପରେଖ ଲାଭ କରିଛି । ସୌନ୍ଦର୍ଯ୍ୟଚେତନା ଓ ପ୍ରାଣ ପ୍ରାଚୁର୍ଯ୍ୟରେ କବି ରାଉତରାୟଙ୍କର ସାହିତ୍ୟ ପ୍ରାଣବନ୍ତ ଏବଂ ରସୋତ୍ତୀର୍ଣ୍ଣ । ତେଣୁ ଯଥାର୍ଥରେ ସେ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଆ କବି ବା ମହାକବିର ଆସନ ମଣ୍ଡନ କରିପାରିଛନ୍ତି ।

ରାଉତରାୟଙ୍କ କାବ୍ୟ-ମାନସ: ଉନ୍ମେଷ ଓ ଉତ୍ତରଣ

କବି ସଚ୍ଚିଦାନନ୍ଦ ରାଉତରାୟ ସବୁଜ କବିତାର ଦ୍ୱାର ଦେଇ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିଛନ୍ତି । ପ୍ରଗତିବାଦୀ ସାହିତ୍ୟ ଶିବିରରେ ଯୋଗଦେଇ ମାର୍କସ୍‌ବାଦର ଅନ୍ୟତମ ଉଦ୍‌ଗାତା ଭାବରେ ଅଚିରେ ସୁକୀର୍ତ୍ତି ଅର୍ଜିଛନ୍ତି । ୧୯୩୧ ମସିହାରେ ତାଙ୍କର ପ୍ରଥମ କବିତା ଗ୍ରନ୍ଥ 'ପାଥେୟ' ପ୍ରକାଶିତ ହୁଏ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଓ ପୁଞ୍ଜିବାଦ ବିରୋଧରେ ବିଦ୍ରୋହର ସ୍ୱର ଏ ପୁସ୍ତକ ମାଧ୍ୟମରେ ସେ ପ୍ରକାଶ କରିଅଛନ୍ତି । ୧୯୩୨-୩୪ ମସିହାରେ ପଲ୍ଲୀ ଜୀବନର ବିଭିନ୍ନ ଘଟଣାକୁ କେନ୍ଦ୍ର କରି ବିଭିନ୍ନ କବିତା ରଚନା କରିଥିଲେ କବି ସଚ୍ଚିଦାନନ୍ଦ ରାଉତରାୟ । ଏହି କବିତାଗୁଡ଼ିକ 'ପଲ୍ଲୀଶ୍ରୀ' କବିତା ସଙ୍କଳନରେ ସନ୍ନିବେଶିତ କରାଯାଇ ପ୍ରକାଶିତ ହେଲା ୧୯୪୨ ମସିହାରେ । ପଲ୍ଲୀ ଜୀବନର ବାର୍ତ୍ତାରେ 'ଚିତ୍ରଗ୍ରୀବ' ଉପନ୍ୟାସ ଓ ସମସ୍ୟା ପ୍ରକାଶିତ ହୁଏ ୧୯୩୫ ସାଲରେ । ୧୯୩୯ ମସିହାରେ କବି ଜୀବନର ସ୍ୱକୀୟ ପ୍ରତିଭାରେ ଉଜ୍ଜ୍ୱଳ ସାକ୍ଷର ବହନ କରି ଆତ୍ମପ୍ରକାଶ କରେ 'ଅଭିଯାନ' । ସର୍ବହରା ନିରନ୍ନ କାଙ୍ଗାଳ ଜନତା ପାଇଁ ତାଙ୍କର ଏହି ସୃଷ୍ଟି ଯୋଗାଇଥିଲା ବଞ୍ଚି ରହିବାର ପ୍ରେରଣା । ସେ ୧୯୩୮ରେ ରଚନା କଲେ 'ବାଜିରାଉତ' କବିତା ପୁସ୍ତକ, ଯାହାର ପୃଷ୍ଠଭୂମିରେ ଥିଲା ଢେଙ୍କାନାଳର ପ୍ରଜା ଆନ୍ଦୋଳନ ଏବଂ ସେହି ଆନ୍ଦୋଳନର ନାୟକ ବାଜି ରାଉତର ମୃତ୍ୟୁ । ଏହି କବିତା ପୁସ୍ତକଟି 'The Boatman boy and other poems' ନାମରେ ପରବର୍ତ୍ତୀ କାଳରେ ଭାରତ ଏବଂ ଭାରତ ବାହାରେ ବିଶେଷ ପ୍ରସାର ଲାଭ କରିଥିଲା । ଶ୍ରୀ ହରିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ତାହା ଅନୁବାଦିତ ହୋଇଥିଲା । ୧୯୪୦-୪୨ ମସିହା ଭିତରେ କବି ସଚ୍ଚିଦାନନ୍ଦ ରାଉତରାୟ ସୃଷ୍ଟି କଲେ କେତେକ ଯୁଗାନ୍ତକାରୀ ଗଳ୍ପ । ସେଗୁଡ଼ିକ ହେଲା 'ମଶାଣିର ଫୁଲ', 'ମାଟିର ତାଜ', 'ଅନ୍ଧାରୁଆ', 'ଆଙ୍ଗୁଠି', 'ରାଜାପୁଅ', 'ମଲାକଇଁ' ଇତ୍ୟାଦି । ୧୯୪୨ରୁ ୧୯୪୭ ପର୍ଯ୍ୟନ୍ତ ଯେତେବେଳେ ଭାରତଛାଡ ଆନ୍ଦୋଳନ ଦେଶବ୍ୟାପୀ ବଳବତ୍ତର ରହିଛି, ଠିକ୍ ସେତିକିବେଳେ ଆଧୁନିକ କବିତା ସଂଗୋପନରେ ବିଦେଶରେ ସଂପ୍ରୀତି ପ୍ରକଟନ କରିଛି । ଏଲିୟଟୀୟ ଭଙ୍ଗୀରେ ଆତ୍ମପ୍ରକାଶ କରିବ ବୋଲି ତାହା ଉନ୍ମୁଖ ହୋଇଉଠିଛି । ଏହି ସମୟରେ ରଚିତ 'ପାଣ୍ଡୁଲିପି କବିତା ସଂକଳନ ଓଡ଼ିଆ କାବ୍ୟ ଜଗତରେ ଏକ ନୂତନ ଯୁଗ ସୃଷ୍ଟି କରି ପରବର୍ତ୍ତୀ ପିଢ଼ିର ସ୍ରଷ୍ଟାମାନଙ୍କ ପାଇଁ ପଥ ନିର୍ଦ୍ଦେଶ କରିବାରେ ସଫଳ ହୋଇଛି ।

୧୯୪୨ ମସିହାରୁ ୧୯୫୧ ମସିହା ପର୍ଯ୍ୟନ୍ତ କବି ସଚ୍ଚିଦାନନ୍ଦ ରାଉତରାୟ ପର୍ଯ୍ୟାୟକ୍ରମେ ଓଡ଼ିଆ କବିତା ସମୂହରେ ନୂତନତାର ଆବାହନ କରିଛନ୍ତି । ସେ ସାହିତ୍ୟର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା ସହ ସାର୍ଥକ ଭାବରେ ଓହ୍ଲେଇ ଯାଇଅଛନ୍ତି । 'ବାକ୍‌ରୀତି ସଙ୍ଗେ ସଙ୍ଗେ କାବ୍ୟିକ ରୀତିର ସମନ୍ୱୟ' ଏହି ସମୟରେ ତାଙ୍କ କବିତାମାନଙ୍କରୁ ଦେଖିବାକୁ ମିଳିଥାଏ । ମୁକ୍ତ ଛନ୍ଦ ଓ ଗଦ୍ୟ ଛନ୍ଦର ପ୍ରୟୋଗ ତଥା ବର୍ଣ୍ଣନା ପରିବର୍ତ୍ତେ ବ୍ୟଞ୍ଜନା, ଭାବପ୍ରବଣତା ପରିବେର୍ତ୍ତ ବୌଦ୍ଧିକତା କବି ରାଉତରାୟଙ୍କର କବିତାରେ ଦେଖିବାକୁ ମିଳେ । ''ଭାଷାର ସାମାଜିକରଣ, ଲିଖିତ ଭାଷାକୁ କଥିତ ଭାଷାର ନିକଟବର୍ତ୍ତୀ କରିବାର ପ୍ରୟାସ, ନୂଆ ନୂଆ ଉପମା, ଚିତ୍ରକଳ୍ପର ପ୍ରୟୋଗ, ଦୈନନ୍ଦିନ ଜୀବନର ଅବସରରେ କବିତାକୁ ପ୍ରତିଷ୍ଠିତ କରିବାର ଉଦ୍ୟମ କବି ରାଉତରାୟଙ୍କର ଆଧୁନିକ କବିତାଗୁଡ଼ିକରେ ପ୍ରୟୋଗାତ୍ମକଭାବେ ରୂପନ୍ୟାସ ନେଇଛି ।

ବିଂଶ ଶତାବ୍ଦୀର ୫ମ ଶତକ (୧୯୪୦-୫୦)ଟି ଓଡ଼ିଆ କବିତା ଇତିହାସର ଏକ ସନ୍ଧିକ୍ଷଣ । ଏହିକାଳରେ ଆଧୁନିକ କବିତା ଜନ୍ମ ଘେନିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଅସପତ୍ନ ପ୍ରତିଷ୍ଠା ପାଇପାରିନାହିଁ । 'ଶଙ୍ଖ'ରେ 'ପ୍ରତିମା ନାୟକ' ଓ 'ଡଗର'ରେ 'ଶ୍ରୀ ଚିନ୍ତାମଣି ମହାନ୍ତି' ଆଦି କବିତାର ପ୍ରକାଶନ ସଙ୍ଗେ ସଙ୍ଗେ ୧୯୪୩ ଖ୍ରୀଷ୍ଟାବ୍ଦରୁ ଆଧୁନିକ ଓଡ଼ିଆ କବିତା ଜନ୍ମ ଘେନିଛି ଓ ପାଣ୍ଡୁଲିପି (୧୯୪୭)ର ନାନ୍ଦୀ ମୁଖରେ ଶୁଣାଯାଇଛି ତାର ପ୍ରଥମ ନାନ୍ଦୀପାଠ । 'ପାଣ୍ଡୁଲିପି' ତିନୋଟି ବିଭିନ୍ନ ସ୍ୱର, ସ୍ୱାଦର ଏକ କାବ୍ୟ ସଙ୍କଳନ । ଆଧୁନିକ କବିତା ସହିତ ସବୁଜ କବିତା ଓ ପ୍ରଗତିବାଦୀ କବିତା ଏକତ୍ର ସମାବିଷ୍ଟ । କବି ଶ୍ରୀ ରାଉତରାୟ ସେଥିରେ ଟି.ଏସ୍. ଏଲୀୟଟଙ୍କୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ

ରବୀନ୍ଦ୍ର ନାଥ, ମାୟୋକୋଭର୍ସ୍କି ତଥା ଓ୍ୱାଲଟ ହ୍ୟୁଇଟ୍‌ମ୍ୟାନଙ୍କୁ ମଧ୍ୟ ସ୍ମରଣ ରଖିଛନ୍ତି । କବି ସବୁଜ କବିତାର ଦ୍ୱାରଦେଇ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିଥିଲେ । ପ୍ରଗତିବାଦୀ ସାହିତ୍ୟ ଶିବିରରେ ଯୋଗଦେଇ ମାର୍କସବାଦର ଅନ୍ୟତମ ଉଦ୍‌ଗାତା ଭାବରେ ଅଚିରେ ସୁକୀର୍ତ୍ତି ଅର୍ଜନ କରିଥିଲେ । ଏବେ ସେ ଆଧୁନିକ କବିତାର ତୃତୀୟ ପର୍ଯ୍ୟାୟର ଶିଳାନ୍ୟାସ କଲେ । ପାଣ୍ଡୁଲିପି ଏହି ଶିଳାନ୍ୟାସର ଭିତ୍ତି ଓ ଭୂତି । ଏହାର ତିନି ପର୍ଯ୍ୟାୟ ମଧ୍ୟରୁ ପ୍ରଥମଟି ସବୁପ୍ରକାର ଶକ୍ତି ଓ ଉତ୍ସାହ ହରାଇଛି, ଦ୍ୱିତୀୟଟି ବିକାଶର ଚୂଡାନ୍ତ ସ୍ତରରେ ଏବେ ଅସ୍ତାଚଳ ଆଶ୍ରିବାକୁ ଯାଇଛି ଓ ନବଜାତ ତୃତୀୟଟି ବିପୁଳ ସମ୍ଭାବନା ଘେନି ଏଇ ମାତ୍ର ଜନ୍ମ ଘେନିଛି । ପରବର୍ତ୍ତୀ କାଳରେ କବି ସଯତ୍ନେ ଶିଶୁଟିର ଲାଳନ ଦାୟିତ୍ୱ ହାତକୁ ନେଇଅଛନ୍ତି– ସେହି ଶିଶୁ ଆଜିର ସୁସମୃଦ୍ଧ ଆଧୁନିକ ଓଡ଼ିଆ କବିତା । କବି ଶ୍ରୀ ରାଉତରାୟଙ୍କ ବ୍ୟକ୍ତିତ୍ୱ ବଡ ଜୀବନ୍ତ, ନିରଳସ ଓ ସମୁଦ୍ୟତ । 'ଚାଲିବାଟା ଏକ ସତ୍ୟ ଜୀବନେ' (ସଂକ୍ରାନ୍ତି)– ଏହା ତାଙ୍କ ଜୀବନ ପଥର ନିତ୍ୟ କଥା । ପ୍ରତିକ୍ଷଣ ସେ ନିଜର ରୂପାନ୍ତର । 'ସଚେତନ' ହେଉଅଛି ମୋର ରୂପାନ୍ତର ପ୍ରତିକ୍ଷଣ' କହି କେଉଁଠି ଅଟକି ରହିବାକୁ ସେ ପ୍ରସ୍ତୁତ ନୁହନ୍ତି । କବି ରାଉତରାୟଙ୍କର କାବ୍ୟ ପ୍ରତିଭା ଜୈବିକ ରସବୀଜରେ ଭାସ୍ୱର । ସେ ବାସ୍ତବବାଦୀ ଶିଳ୍ପୀ । କଳ୍ପନାବିଳାସକୁ ସେ ପ୍ରଶ୍ରୟ ଦେଇନାହାନ୍ତି । ସେ ଏଇ ଧୂଳି ମଳିନ ଧୂସର ଧରିତ୍ରୀର ଶ୍ରଦ୍ଧେୟ ଶିଳ୍ପୀ । ସେ ଶୁଣାଇଛନ୍ତି ଧୂମାଳ କ୍ଳାନ୍ତ ଧରିତ୍ରୀର କରୁଣ କଣ୍ଠସ୍ୱର । ସେ ପଳାୟନବାଦୀ ସବୁଜ ସାହିତ୍ୟିକଗଣଙ୍କୁ ସମ୍ବୋଧନ କରି ଲେଖିଛନ୍ତି–

''ଆରେ ଆରେ ପଳାୟନ ପକ୍ଷୀ
ପଳାଇବୁ ଆଜି କାହିଁ ଛିନ୍ନ କରି
ଧରଣୀର ଗ୍ରନ୍ଥୀ ?
ଲୁଚିବୁ ବା କାହିଁ
ମୃତ୍ତିକାର ଏଡେ ଦାବି
ପାରିବୁ କି ଆଜି ତୁ କଟାଇ ?
କାହିଁ ଭୀରୁ ନେବୁରେ ଆଶ୍ରୟ
ତୋର ସେଇ କୁଞ୍ଜବନ ଦେଇକିରେ
ପାରିବ ଅଭୟ ?''

(ବାଜିରାଉତ)

ସେ ଚାହିଁଛନ୍ତି ସପନର ଗଜଦନ୍ତପଲଙ୍କ ଛାଡି କବି ଓହ୍ଲେଇ ଆସୁ ନିରନ୍ନ କଙ୍କାଳ ଜନତାର ସମସ୍ୟା ମଧ୍ୟକୁ । ମାର୍କସବାଦୀ ଦର୍ଶନରେ ପ୍ରଭାବିତ ହୋଇ ସେ ଆହ୍ୱାନ ଦେଇଛନ୍ତି ସବୁଜ କବିମାନଙ୍କୁ:

''ଆକାଶେ ଭୀଷଣ ଝଡ ଇନ୍ଦ୍ର ମେଘ ଛାଡୁଛି ହୁଙ୍କାର
ହାତୀ ଦାନ୍ତେ ଗଢା ତୋର ସପନର ସୌଖୀନ ମୀନାର
ଭାଙ୍ଗିପଡେ କବି,
ଫୁଲର–ଫସଲେ ଆଜି ପଙ୍ଗପାଳ ତୋଳୁଛି ଭୈରବୀ ।''

କବି ମଣିଷକୁ ଭଲ ପାଇଛନ୍ତି । ତେଣୁ ସେ ଯନ୍ତ୍ରଣାକ୍ତ ମଣିଷ ଜୀବନର କରୁଣ କହାଣୀକୁ ମର୍ମରିତ କରିଛନ୍ତି ତାଙ୍କର କାବ୍ୟ କବିତାରେ । ସେଥିପାଇଁ ପାଣ୍ଡୁଲିପି କବିତା ଗ୍ରନ୍ଥରେ ଧ୍ୱଂସର ବାଣୀ ସେ ଶୁଣାଇ ଲେଖିଛନ୍ତି:

''ଧ୍ୱଂସର କଥା କହ,
ସୃଷ୍ଟିର ଛବି ଦେଖି ଦେଖି ବହୁ ହେଲାଣି ଦୁର୍ବିସହ ।''

କବି ଶ୍ରୀ ରାଉତରାୟ ଅବଲୀଳାକ୍ରମେ ଯେଉଁପରି ସବୁଜ କବିତାର କ୍ଷୀଣ ବନ୍ଧନ ତୁଟାଇ ପ୍ରଗତିଶୀଳ ସାହିତ୍ୟ ପ୍ରବର୍ତ୍ତନ କ୍ଷେତ୍ରରେ ସର୍ବାନ୍ତକରଣରେ ଆତ୍ମନିୟୋଗ କରି ହଠାତ୍ ଯଶସ୍ୱୀ ହୋଇଉଠିଥିଲେ, ଠିକ୍ ସେହିପରି ସେ ଅଚିରେ ପ୍ରଗତିଶୀଳ ସାହିତ୍ୟର ମାୟା କଟାଇ ଆଧୁନିକ କବିତାର ଉଦ୍‌ଗାତା ରୂପେ ବିଖ୍ୟାତ ହୋଇଗଲେ । ମାର୍କସବାଦୀ ଦର୍ଶନ, ବୈଜ୍ଞାନିକ ସମାଜବାଦ, ସାମାଜିକ ବାସ୍ତବବାଦ, ଗଣବିପ୍ଳବରେ ଆଜି ବି ତାଙ୍କର ବିଶ୍ୱାସ ଅଛି ସାଧାରଣ ମଣିଷର ଶୋଷଣ–କଷଣ ଦୂର କରିବାକୁ ଆଜି ବି ତାଙ୍କର କବିତା ଆନ୍ତରିକ ଭାବରେ ନିଜର ସଚେତନ ପ୍ରଚେଷ୍ଟା ଅବ୍ୟାହତ ରଖିଅଛି ।

ଧ୍ୱଂସର ଆବାହନ କରି ଯେଉଁ ସମାଜରେ ଭଣ୍ଡତା ବିଦ୍ୟମାନ, ଯେଉଁଠି ମଣିଷ ଭୋକ ଉପାସରେ ହାହାକାର କରି ମରେ, ସେଇ ସମାଜର ଧ୍ୱଂସ ସେ କାମନା କରିଛନ୍ତି–

''ମଣିଷ ଯେଉଁଠି ମରଇ ଅକାଳେ ଧ୍ୱଂସର ପାରାବାରେ
ସେଠାରେ ହସିବ ଶୀତର ଶସ୍ୟ କହ କେଉଁ ଅଧିକାରେ ?
କୋଟି ଛାତି ଯହିଁ ଭାଜି ପଡେ ହେଲେ ଚିତାର ଭସ୍ମ ବୋଲି
ସେଠାରୁ ଫୁଟିବ କିଆଁରେ କୁସୁମ ଗନ୍ଧ ମୁକୁଳ ଖାଲି ?

(ପଶୁ)

'ପାଣ୍ଡୁଲିପି'ର 'ପଶୁ' କବିତାରେ ସମାଜର ଐତିହ୍ୟକୁ ଭାଙ୍ଗିବା କବିଙ୍କର ଲକ୍ଷ୍ୟ । ସମାଜର ନିର୍ଯାତିତ, ଅବହେଳିତ,

ସକଳ ଏଥିରେ ପଶୁର ବିଗ୍ରହ ଧାରଣ କରିଛନ୍ତି । ସମାଜର ପରାଙ୍ଗପୁଷ୍ଟ ଦଳର ଅତ୍ୟାଚାରରେ ଏମାନେ କ୍ଷୁଧିତ, ନିଷ୍ଠୁର, ରୁଚିହୀନ ଏବଂ କ୍ଷିପ୍ତ । ନିଜର ଦାବି ହାସଲ କରିବା ପାଇଁ ଏମାନେ ଉତ୍‌କ୍ଷୀପ୍ତ ଏବଂ ପ୍ରତିହିଂସା ପରାୟଣ ହୋଇ ଉଠିଛନ୍ତି । ଶାନ୍ତି ପ୍ରତିଷ୍ଠା ପାଇଁ ସେମାନେ ଚାହାନ୍ତି ଗୋଟିଏ ବିକ୍ଷୋଭ ।

''ଜୀବନ୍ତ ମୋର ସବୁ ଅନୁଭୂତି ଦେଇଥିଲ ପରା ଦଳି, ପ୍ରତିଶୋଧ ତାର ନବା ପାଇଁ ଆଜି ଆସିଛି ମୁଁ ଅବତରି । ଆଜି ମୁଁ ଆସିଛି ପଶୁ ନିଶାଚର ମଣିଷର ଦାବିଲାଗି, ମଣିଷ କବରୁ ଜନ୍ମ ମୋରରେ ଧ୍ୱଂସେ ମୁଁ ଅନୁରାଗୀ।''

'ବାଜିରାଉତ' କବିତାରେ ମଧ୍ୟ ହୁଙ୍କାପିଟା ଶାସନ ବିରୋଧରେ ବିଦ୍ରୋହ କରିବାକୁ ଆହ୍ୱାନ ଦେଇଛନ୍ତି କବି:

''ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜଳିପୋଡି
ଦବାକୁ ଧସାଇ ।''

ପାଣ୍ଡୁଲିପିର 'ନବଜାତକ' କବିତାରେ ସେ ନିଜର କନ୍ୟାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଜଣେ ସାମ୍ୟବାଦୀ ସର୍ବହରାକୁ ସାଥୀ କରିବାକୁ:

''ବହୁ ମତ, ବହୁ ପଥ ଏକାଧିକ ବିଭିନ୍ନ ନିଶାଣ
ପ୍ରତିଟିରେ ନେବୁ ଚିହ୍ନି, ବାରିନେବୁ ହୋଇ ସାବଧାନ
ଯେ କେତନ ଶତଛିଦ୍ର ଧୂଳିମୟ ଆପଣା ବକ୍ଷରେ
ବୋହିଥିବ ଜ୍ୱଳନ୍ତ ଅକ୍ଷରେ
ସର୍ବହରା ମଣିଷର ନାମ,
ତାକୁଇ ତୁ କରିବୁ ପ୍ରଣାମ ।''

କବିଙ୍କର ଏହିଭଳି ଦାର୍ଶନିକ ଚିନ୍ତାଧାରାକୁ କେହି କେହି ସାମ୍ୟବାଦୀ ବା ମାର୍କ୍ସସିଷ୍ଟ ଭାବରେ ନାମିତ କରିଥାନ୍ତି । ଋଷିଆର କବି ମାୟୋକୋଭସ୍କି ଯେପରି ଲେଖିଛନ୍ତି ।

'On every single that is shed
I my-self am crucified."

ସେହିପରି କବି ରାଉତରାୟ ସାଧାରଣ ମଣିଷର କ୍ଷତ-ବିକ୍ଷତ ଜୀବନ ସହିତ ନିଜକୁ ମିଶାଇ ଦେଇ ଗାଇ ଉଠିଛନ୍ତି- ''ମଣିଷର ଲହୁ ଲୁହେ କବିତା ମୋ ନୀଳ । 'ସେ ହୁଇଟ୍‌ମ୍ୟାନଙ୍କ ସଦୃଶ-Comrade, this is no book. if you touch it you will touch a man." କହି ଲେଖିଛନ୍ତି:

''ମୁଁ ସଚ୍ଚି ରାଉତରା
ନୁହେଁ ଟାଗୋର ବା ଶେଲୀ
ମୁଁ ଏଇ ମାଟିର ଧରା,
ଆଉ ଆକାଶର କବି
କାମ ନୁହେଁ ମୋର ଖାଲି ଆଙ୍କିବା କାଗଜର ଛବି ।
ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛାପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି,
ଏଇ ପୃଥିବୀର ସବୁ ମଣିଷ ଜାତି,
ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋର

(ରାଜଜେମା)

କବି ସଚ୍ଚିଦାନନ୍ଦ ରାଉତରାୟ ସର୍ବହରାଶ୍ରେଣୀ ଜୀବନର କରୁଣ କାହାଣୀକୁ ନେଇ ବହୁ କବିତା ରଚନା କରିଛନ୍ତି। ସେ କହନ୍ତି 'ଏ ଯୁଗ ସର୍ବହରାର ଯୁଗ, ସମସ୍ତ ସମୟ ସାମ୍ରାଜ୍ୟବାଦ ବିରୋଧୀ ଓ ପ୍ରତିକ୍ରିୟା ପରିପନ୍ଥୀ ଶକ୍ତିମାନଙ୍କୁ ଏକଜୁଟ କରି ଶ୍ରେଣୀହୀନ ସମାଜଗଠନ ଦିଗରେ ନିୟୋଜିତ କରିବା ହିଁ ଏ ଯୁଗର ବିଶେଷ ଐତିହାସିକ ଦାୟିତ୍ୱ।'' 'ବାର୍ତ୍ତା' କବିତାରେ କବିଙ୍କର ଏହି ସାମ୍ୟବାଦ ନୀତି ଆତ୍ମପ୍ରକାଶ କରିଅଛି:

''ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ
ଆଣିଅଛି ବାର୍ତ୍ତା ଭବିଷ୍ୟତର
ଜୀବନର ସମ୍ଭାବନା ଯଦି ମୂର୍ତ୍ତିମାନ
ନାହିଁ ଯଦି ପ୍ରାଚୀର ପ୍ରାନ୍ତର
ଜାଗ ହେ ମାନବ ଶିଶୁ !
ଜାଗ ନର ବ୍ରହ୍ମ
ଜାଗ ଧରି ଲୌକିକର ଗାନ !
ଦୃଢ ହୁଅ, ରୂଢ ହୁଅ
ନିଅ ପ୍ରତିଶୋଧ
ଯୁଗ ବ୍ୟାପୀ ହୀନ ଦାସତ୍ୱର,

ପୁଣି ତଥାକଥିତ ଧର୍ମ ବ୍ୟବସ୍ଥା ପ୍ରତି କବି ବିଦ୍ରୂପ କରି ଲେଖିଛନ୍ତି-

''ଧର୍ମର ମଦ ଖୁଆଇ କରିଛ ଭାଇ,
ମଣିଷ ଜାତିକୁ ଚିରଦିନ ମସଗୁଲ
ଅଫିମ ନିଶାରେ ଖୋଲି ସେ ନପାରେ ଆଖି
ତମେ ଶୋଷ ତା'ର ବୁକୁର ଜୀବନ ଫୁଲ ।

(ସର୍ବନାଶର ପଥେ)

'ନବଯୁବ ସାହିତ୍ୟ ସଂସଦ' ଗଠନ ପୂର୍ବରୁ କବି ରାଉତରାୟ ଓଡ଼ିଆ ସାହିତ୍ୟରେ ନୂତନତାର ଆବାହନ କରିଥିଲେ । 'ଅଭିଯାନ' ଓ 'ପଲ୍ଲୀଶ୍ରୀ' କବିତା ଗ୍ରନ୍ଥରେ ତାଙ୍କର ବ୍ୟଙ୍ଗାତ୍ମକ ଓ ପଲ୍ଲୀଚେତନା ସୃଷ୍ଟିର ସାର୍ଥକତାର ପରିଚୟ ମିଳେ । ତାଙ୍କୁ 'ପାଣ୍ଡୁଲିପି' 'ଭାନୁମତୀର ଦେଶ', 'ସ୍ୱଗତ' 'କବିତା-୧୯୬୨', 'କବିତା- ୧୯୬୯, 'କବିତା-୧୯୭୧', 'କବିତା-୧୯୭୪' ପ୍ରଭୃତି କବିତା ଗ୍ରନ୍ଥଗୁଡିକ ନୂତନ ଚିତ୍ରକଳ୍ପ ପ୍ରତୀକ ଶବ୍ଦ ସଂଯୋଗରେ ଅଭିନବ ହୋଇପାରିଛନ୍ତି । କବି ରାଉତରାୟଙ୍କର କବି ପ୍ରତିଭାକୁ ଆଲୋଚନା କରିବାକୁ ଯାଇ ବିଭିନ୍ନ ସମାଲୋଚକ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଅଛନ୍ତି । କବିଙ୍କର କାବ୍ୟିକ ବୈଶିଷ୍ଟ୍ୟକୁ ଆଲୋଚନା କରିବାକୁ ଯାଇ ଡକ୍ଟର କାଳିଦାସ ନାଗ ଲେଖିଛନ୍ତି,– ''As a born Poet Routroy has ever tried so rise above contemporary and to reflect the cosmic vision, the eternal synthesis in which all discord and dualism melt into the supreme monism or Adwait,' (୧) ଏହା ବ୍ୟତୀତ ହୁମାୟୁନ କବୀର, କେ.ଆର୍. ଶ୍ରୀନିବାସ ଆୟାଙ୍ଗାର, ଏ.ଭି. ଆଣ୍ଟନି, ଜେଭିୟର, ପ୍ରାଣକୃଷ୍ଣ ପରିଜା ପ୍ରଭୃତି ସମାଲୋଚକମାନେ କବି ସଚ୍ଚି ରାଉତରାୟଙ୍କର ଶାଶ୍ୱତ ପ୍ରତିଭା ଓ ବହୁମୁଖୀ କବିତ୍ୱକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଯାଇଅଛନ୍ତି । ପରିଶେଷରେ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଉକ୍ତି ଅନୁସାରେ– Sri Routroy posseses a deep love of nature and freshness of vision' ଏହାହିଁ କବିଙ୍କ କବିତ୍ୱ ପ୍ରତି ସାର୍ଥକ ମନ୍ତବ୍ୟ ।

ସଚ୍ଚି ରାଉତରାୟଙ୍କ କବି ପ୍ରତିଭା ବ୍ୟାପକ । ସେ ମଣିଷ ଜୀବନର ଅତଳ ରହସ୍ୟକୁ ତାଙ୍କ କବିତାରେ ରୂପାୟିତ କରିଅଛନ୍ତି । ପ୍ରଗତିବାଦୀ କବିତାର ଉଚ୍ଚକଣ୍ଠ, ବକ୍ତୃତା, ଧର୍ମ, ପ୍ରତ୍ୟକ୍ଷ ଭାଷଣ ଓ ଆକୁଣ୍ଠିତ ରୁକ୍ଷତାକୁ ଭାବଳୁତାରେ ଅଧୋପତିତ ହେବାର ସେ ଯଥାଶୀଘ୍ର ଲକ୍ଷ୍ୟ କରିପାରିଥିଲେ । ତେଣୁ ଗଣଙ୍କୁ ଛାଡି ତାଙ୍କୁ ସ୍ୱଳ୍ପ ସଂଖ୍ୟକ ବୁଦ୍ଧିଜୀବୀ ପାଠକଙ୍କ ଉଦ୍ଦେଶ୍ୟରେ ମୁଖ ଫେରାଇବାକୁ ହେଲା । ମାୟକୋଭସ୍କି ଓ ହୁଇଟ୍‌ମ୍ୟାନଙ୍କ ଆବେଗଧର୍ମୀ ଉଚ୍ଛ୍ୱାସ ପରିହାର କରି ତାଙ୍କୁ ଏଲିୟଟୀୟ ମନନଧର୍ମୀ ସଂହତି ମଧ୍ୟରେ କବିତାରେ ମୁକ୍ତି ଖୋଜିବାକୁ ହେଲା । ତାଙ୍କ କବି ଚରିତ୍ରର ଏହି ପରିବର୍ତ୍ତନକୁ ଲକ୍ଷ୍ୟ ନକରି ଅନେକେ ତାଙ୍କୁ ଭୁଲ୍ ବୁଝନ୍ତି । ଡଃ ମାୟାଧର ମାନସିଂହ ଜ୍ୟାମିତିକୁ ଗଣକବିତା ମନେକରି କବିଙ୍କୁ ଆକ୍ଷେପ କରିଅଛନ୍ତି । କିନ୍ତୁ 'ଜ୍ୟାମିତି' ପ୍ରାଥମିକ ସ୍ତରରେ ଏକ ଆଧୁନିକ କବିତା ମାତ୍ର । ସଂଖ୍ୟା ଗରିଷ୍ଠ ଇତର ସାଧାରଣଙ୍କ ଉଦ୍ଦେଶ୍ୟରେ ତାର ରଚନା ନୁହେଁ । 'ଜ୍ୟାମିତି'ର ରଚନା ୧୯୪୫ ବେଳକୁ । ଏଥିରେ କବି ଯେପରି ପ୍ରଣୟ ଓ ପରିଣୟ ବ୍ୟାପାରରେ ବଙ୍ଗଳାରୁ ଆନ୍ଧ୍ରପ୍ରତି ମୁଖ ଫେରାଇଛନ୍ତି– ('ତିସ୍ତା ମେଘନା କୂଳେ ତରୀ ନେଉ ନେଉ ଦକ୍ଷିଣପଥେ ଘୂରି ଯେ, ମୁଁ ଗଲି ସଖା') ଠିକ୍ ସେହିପରି ସେ କବିତା କ୍ଷେତ୍ରରେ ପ୍ରଗତିଶୀଳ ସାହିତ୍ୟର ଦ୍ରୁତଛନ୍ଦ, ଉଚ୍ଚସ୍ୱର ଓ ସହଜ ପ୍ରକାଶଭଙ୍ଗୀ ଛାଡି ମୁକ୍ତ ଛନ୍ଦ, ଧୀରକଥା ଜଟିଳ କଳାକୌଶଳ, ସୂକ୍ଷ୍ମ ଇଙ୍ଗିତର ବ୍ୟଞ୍ଜନା ପ୍ରତି ଆକୃଷ୍ଟ ହୋଇପଡିଛନ୍ତି ।

ଶିଳ୍ପୀ ରାଉତରାୟ ନିଜ କାବ୍ୟଶିଳ୍ପ ସୃଷ୍ଟିରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦର ଚତୁଃସୀମା ମଧ୍ୟରେ ବା କେତେବେଳେ ସମାଜବାଦର ପତାକା ତଳେ ଗଭୀର ମାନବିକ ମୂଲ୍ୟବୋଧକୁ ପ୍ରସ୍ଫୁଟିତ କରିବାକୁ ହିଁ ଚେଷ୍ଟା କରିଛନ୍ତି । ଆଧୁନିକ ଯୁଗର ଦୁଃଖ ଯନ୍ତ୍ରଣା ଓ ନୈରାଶ୍ୟର ସ୍ୱର ତାଙ୍କର ଏହି ସକଳ କବିତାରେ ସୁସ୍ପଷ୍ଟ । ଏଠାରେ ପ୍ରଗତିବାଦୀର ବିପ୍ଳବୀ ସ୍ୱର ଜର୍ଜରତ ନୁହେଁ । କବି କୌଣସି ବିପ୍ଳବାତ୍ମକ ସ୍ୱର ଏଠାରେ ଉତ୍ତୋଳନ କରିନାହାନ୍ତି । ସେ ମର୍ମାହତ ଭୟଙ୍କର ଭାବରେ, ଏଠାରେ କବିଙ୍କର କ୍ଳାନ୍ତିର ସ୍ୱର ଲକ୍ଷ୍ୟଣୀୟ । ପୃଥିବୀର ଗଳିକନ୍ଦି ନାନା ବିପର୍ଯ୍ୟୟ, ବିଭୀଷିକାରେ ପରିପୂର୍ଣ୍ଣ । ସେଥିରେ ମଣିଷର ଚିର ହାହାକାରର ସ୍ୱର ଭରି ରହିଛି । କବିଙ୍କ ବିପ୍ଳବୀସ୍ୱର ସେଇ ସୁପ୍ତ ଅର୍ଦ୍ଧଦଗ୍ଧ ମାନବ ହୃଦୟରେ ବଞ୍ଚି ରହିବାର ଅଗ୍ନି ଜଳାଇ ପାରିନାହିଁ । ଅତୀତର ଜରାଜୀର୍ଣ୍ଣ ମଣିଷଗୋଷ୍ଠୀ ସେହିପରି ନିଷ୍ପେସିତ, ପୁଞ୍ଜିପତିର ଚାବୁକ ତଳେ । ସେମାନେ ମଧ୍ୟ ପିଠିପାତି ସେହିପରି ବଞ୍ଚି ରହୁଛନ୍ତି । ନାହିଁ ଜାଗରଣର ଚେଷ୍ଟା, ଚେଇଁ ଉଠିବାର ବ୍ୟଗ୍ରତା: ତେଣୁ କବି ଆଉ ସେ ଗୋଷ୍ଠୀ ପାଇଁ ବିପ୍ଳବୀ କବିତା ସୃଷ୍ଟି କରୁନାହାନ୍ତି । ସେ ଆଜି କୁରୁବୀର ଦୁର୍ଯ୍ୟୋଧନ ଭଳି ଭଗ୍ନଜାନୁ, କ୍ଷତାକ୍ତ, ଅସହାୟ, କେବଳ ସେ ପଡିରହି ହ୍ରଦ କୂଳେ ଅପେକ୍ଷା କରିଛନ୍ତି ନିଜର ମୃତ୍ୟୁକୁ, ହାତରୁ ତାଙ୍କର ଖସିପଡୁଛି ମାର୍କସଙ୍କ ବିପ୍ଳବର ଆହ୍ୱାନରେ ଧରିଥିବା ରାଇଫଲ । ସେ ଆଜି ହୀନବଳ ଅର୍ଜ୍ଜୁନ ସଦୃଶ, ଗାଣ୍ଡିବ ଉତ୍ତୋଳନର ସାହସ ତାଙ୍କର ଆଉନାହିଁ । ଅଗ୍ନିବୀଜର ସାଧକ କବି ରାଉତରାୟଙ୍କ କଣ୍ଠସ୍ୱର ଦୁଃଖର ରାହୁ କବଳରେ ରୁଦ୍ଧ । ସେ ତାଙ୍କର ସଂଗ୍ରାମୀ ଦିନର ଦେହରେ ରହିଯାଇଥିବା କ୍ଷତଚିହ୍ନ ସବୁର ଶୁଭ୍ର ଦାଗକୁ ନିରୀକ୍ଷଣ କରିବାକୁ ଲାଗିଛନ୍ତି । ତହିଁରୁ କବିଙ୍କୁ କିଛି ଆଶ୍ୱାସନା ମିଳିଯାଇଛି ଯେପରି । ଆଧୁନିକ ଜୀବନର ସମସ୍ତ ଦ୍ୱନ୍ଦ୍ୱ, ସଂଘର୍ଷ,

ଜଟିଳତା ଓ ବିଫଳତା ରାଉତରାୟଙ୍କ କାବ୍ୟ ଶିଳ୍ପରେ ରୂପାୟିତ ହେବା ସଙ୍ଗେ ତାଙ୍କ ସୃଷ୍ଟି ଅନ୍ତରାଳରେ ରହିଛି ଏକ ପ୍ରଚ୍ଛନ୍ନ ଶିଳ୍ପୀ, ଯେ କି ମନୁଷ୍ୟର ଦୁଃଖ ବିପାକ ପ୍ରତି ସମ୍ବେଦନଶୀଳ ହେବା ସଙ୍ଗେ ତାକୁ ମୁକ୍ତ ଓ ସ୍ୱାଧୀନ କରିବା ପାଇଁ ସତତ ସଂଗ୍ରାମରତ । ଏହି ସଂଗ୍ରାମଶୀଳ ସୈନିକ ଆଜି ହତୋତ୍ସାହ ସଂଗ୍ରାମର ଶୁଭ୍ରକ୍ଷତକୁ ନିରୀକ୍ଷଣ କରି କବି ଶାନ୍ତି ଖୋଜୁଛନ୍ତି, ତାହାରି ଭିତରେ ଆଶ୍ରୟ ଖୋଜୁଛନ୍ତି ।

କବି ସଂଗ୍ରାମ କରୁଥିଲେ ଅନ୍ୟାୟ, ଅତ୍ୟାଚାର ବିରୋଧରେ । ମୃତ୍ୟୁ ତାଙ୍କୁ ଡରାଇ ପାରୁ ନଥିଲା । ମୃତ୍ୟୁ ତାଙ୍କ ପାଖରୁ ଥିଲା ଅନେକ ଦୂରରେ । ବର୍ତ୍ତମାନ ମୃତ୍ୟୁର ତୀକ୍ଷ୍ଣ ହସର ପିଚକାରୀ କବିଙ୍କ ଦେହରେ ଆସି ଧକ୍କା ଖାଏ । କବି ଚମକି ପଡନ୍ତି, ହୁଅନ୍ତି ଭୟଭୀତ । ମୃତ୍ୟୁର କରାଳଭୟ କବିଙ୍କୁ ଦୁଃଖାଗ୍ନିରେ ନିକ୍ଷେପ କରୁଥାଏ ପ୍ରତି ମୁହୂର୍ତ୍ତରେ । ଯେତେ ପର୍ଯ୍ୟନ୍ତ ବିପ୍ଳବାଗ୍ନି ଥିଲା ପ୍ରଜ୍ୱଳିତ, ମୃତ୍ୟୁର ପରିଧି ବଳୟ ବୀର କବିର ସୀମା ମଧ୍ୟ ସ୍ପର୍ଶ କରି ନଥିଲା । କବି ହତୋତ୍ସାହ ହୋଇ ହେଲେ ହୀନବଳ । ମୃତ୍ୟୁ ପ୍ରତି ମୁହୂର୍ତ୍ତରେ ଗ୍ରାସ କରିବାକୁ ଉଦ୍ୟତ । ମୃତ୍ୟୁର ଭୟରେ ଶିହରି ଉଠେ କବି ପ୍ରାଣ । ତେଣୁ ନିଜର ପ୍ରେତ ନିଜକୁ ଡରାଇଛି ।

କବି ନିଜର ଦୁଃଖକୁ ନିଜେ ସ୍ୱୟଂବରଣ କରିନେଇଛି । ଦିଗ୍‌ବିଦିଗ୍ ଶୂନ୍ୟ ନୈରାଶ୍ୟ, ଅବସାଦ ଓ ବ୍ୟର୍ଥତାରେ କାବ୍ୟ ନାୟକ ଅନେକତ୍ର ଭାଙ୍ଗି ପଡିଛି, ଆଉ କେବେ ବା ଆଶା ବିଶ୍ୱାସ, ଭବିଷ୍ୟତକୁ ଅନାଇ ବସିଛି, ଆଧ୍ୟାତ୍ମିକ ଆସ୍ପୃହା ମଧ୍ୟରେ ଶାନ୍ତି ଖୋଜୁଛି । କ୍ଷତିବିକ୍ଷତ ବର୍ତ୍ତମାନ ଜୀବନରୁ ପରିତ୍ରାଣ ଲୋଡି କବି 'ସରଗର ଶୁଭ୍ରଆମ୍ବୁଲାନ୍‌ସ'ର ପ୍ରତ୍ୟାଶା ପୋଷିଛନ୍ତି– ମାତ୍ର ପରମୁହୂର୍ତ୍ତରେ ସେହି ପ୍ରତ୍ୟାଶାରେ ତାଙ୍କର ଭରସା ରହିନାହିଁ । ପୋଡା ଭୂଇଁରେ ସବୁଜ ଫସଲର ସ୍ୱପ୍ନ ଯେପରି ଅଳୀକ, ସେହିପରି କବି ନିଜ ଅସ୍ତିତ୍ୱରେ ସନ୍ଦେହ ପ୍ରକାଶ କରି ଲେଖିଛନ୍ତି ନୂଆ ଜୀବନ ଆଉ ସମ୍ଭବ ନୁହେଁ, ଯେପରି ପୋଡା ଭୂଇଁ ସବୁଜ ଫସଲ ଉତ୍ପନ୍ନ କରିବାକୁ ସ୍ୱପ୍ନ ନୁହେଁ । ତେଣୁ ସେ ମୃତ୍ୟୁକୁ ହିଁ ସତ୍ୟଭାବେ ଉଦ୍‌ଘୋଷଣ କରିଅଛନ୍ତି । ବିଷୟାଶ୍ରୟ ଦାନ କ୍ଷେତ୍ରରେ ଏହି ସକଳ କବିତା ଅନନ୍ୟ ଓ ଆଧୁନିକତା ସର୍ବସ୍ୱ ।

ଆଧୁନିକ କବିତା କୌଣସି ନିର୍ଦ୍ଦିଷ୍ଟ ଉନ୍ମୋଚିତ ଶିଳ୍ପ ପ୍ରତିକୃତି ନୁହେଁ, ଆଧୁନିକ କବି ମାନସର ବିସ୍ତୀର୍ଣ୍ଣ ଭାବିଚିନ୍ତାର କଳାପଟାରେ ବିଭିନ୍ନ ଚିନ୍ତା, ଅନୁଚିନ୍ତାର ଏହା ହେଉଛି ସଫଳ ରେଖାଚିତ୍ର । କବି ମନର ଅଭିବ୍ୟକ୍ତି ତୁଳୀ– ମାର୍କସ ଦ୍ୱାରା ପ୍ରବର୍ତ୍ତିତ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସାମ୍ୟବାଦୀ ଝଡ ବିଜ୍ଞାନର ଦୃପ୍ତ ଅଥଚ ଗମ୍ଭୀର ହୁଙ୍କାର, ଫ୍ରୟେଡ ଦ୍ୱାରା ପ୍ରମାଣିତ ଅବଚେତନ ମନର ଗଭୀର ଅନ୍ଧାରୀ ରହସ୍ୟ ଓ ଦୁଇ ଦୁଇଟା ବିଶ୍ୱଯୁଦ୍ଧର ପ୍ରବଳ ଝଞ୍ଜାର ଆଘାତରେ ଅନେକାଂଶରେ ଦନ୍ତୁରିତ । ପୃଥିବୀବ୍ୟାପୀ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ଫଳରେ ପୃଥିବୀର ମାନବ ସଭ୍ୟତା ଓ ସଂସ୍କୃତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ପ୍ରାତ୍ୟହିକ ଜନଜୀବନରୁ ନୀତି, ଧର୍ମ ଓ ଈଶ୍ୱର ବିଶ୍ୱାସ ବିଦାୟ ଘେନିଛି । ଏହାସତ୍ତ୍ୱେ ଆଧ୍ୟାତ୍ମିକ ଭାରତ ଭୂମିରେ ସେପରି ବ୍ୟତିକ୍ରମ କିଛି ଘଟିନାହିଁ । ମଣିଷ ସହିତ ମଣିଷର ଇତର ଜନୋଚିତ ଅଭଦ୍ର ବ୍ୟବହାରରୁ ତଥା ସର୍ବବ୍ୟାପୀ ଦୁର୍ନୀତି ଓ ଅସତ୍ୟର ଜୟଗାନରୁ ଜାଣିହୁଏ, ଭାରତ ଭୂମିରେ ତିଳାର୍ଦ୍ଧେ ଧର୍ମ ବିଶ୍ୱାସ ଓ ନୈତିକତା ନାହିଁ ଅଥଚ ଭାରତରେ ଆଜି କିଏ ପୁଣି ଆମର ଧାର୍ମିକ ନୁହେଁ ? ସ୍ୱାଧୀନ ଭାରତବର୍ଷର ସାଂସ୍କୃତିକ ଜୀବନରେ ଆଧ୍ୟାତ୍ମିକତାର ବାହ୍ୟ ପ୍ରସାର ଆଶ୍ଚର୍ଯ୍ୟଜନକ ଭାବରେ ଘଟିଛି । ମଠ, ମନ୍ଦିର ଓ ଆଶ୍ରମ ହୁହୁ ବଢୁଛି । ଯୋଗୀ, ମାର୍ଗୀ, ବାବା ଓ ମାତାମାନେ ଯଥେଚ୍ଛା ଯନ୍ତ୍ରତନ୍ତ୍ର ଆତ୍ମପ୍ରକାଶ କରୁଛନ୍ତି । ଜ୍ଞାନମନ୍ଦିରମାନ ଦ୍ରୁତ ଉଦ୍‌ଘାଟିତ ହୋଇଚାଲିଛି, ରାଷ୍ଟ୍ରମୁଖ୍ୟଙ୍କ ଠାରୁ ଆରମ୍ଭ କରି ସମାଜପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଅହରହ ବାବା ଓ ମାତାମାନଙ୍କୁ ଭେଟୁଛନ୍ତି ଓ ଆଶୀର୍ବାଦ ଗ୍ରହଣ କରୁଛନ୍ତି । ଗା'ଠାରୁ ସହର ପର୍ଯ୍ୟନ୍ତ ଆମର ଧର୍ମ ଉତ୍ସବଗୁଡିକ ଅଭୂତପୂର୍ବ ଜାକଜମକରେ ଅନୁଷ୍ଠିତ ହୋଇଚାଲିଛି । ସାଂସ୍କୃତିକ ଧର୍ମାଲୋଚନା ସଭା ଅନୁଷ୍ଠିତ ହୋଇଚାଲିଛି । ଯେ କେହି ଅନର୍ଗଳ ସତ୍ୟ, ଧର୍ମ ଓ ନୈତିକତାର କଥା କହିଛି । ଘରେ ଘରେ ଠାକୁରପୂଜା ଓ ବାବା ମାତାଙ୍କର ଫଟୋପୂଜା ଚାଲିଛି । ବହୁଲୋକଙ୍କ କଣ୍ଠରେ, ବାହୁରେ ଓ ଅଙ୍ଗୁଳିରେ ବାବା ମାଆଙ୍କ ଫଟୋ । ଏହି ସବୁକୁ ଦେଖି ସର୍ବତ୍ର ଆଧ୍ୟାତ୍ମିକ ପୁନର୍ଜାଗରଣ ପ୍ରବଳ ଉତ୍ସାହରେ ଖେଳିଯାଉଅଛି ଭାବିଲେ ସାଙ୍ଘାତିକ ଭୁଲ କରିବାକୁ ହୁଏ । ଧର୍ମ ଜୀବନ ସହିତ ଆମ କର୍ମଜୀବନର ସମନ୍ୱୟ କାହିଁ ? ନିଷ୍ପାପର ଆଧ୍ୟାତ୍ମବାଦୀ କିଏ କେଉଁଠି ନାହାନ୍ତି, ବୋଲି ନୁହେଁ, ଅଛନ୍ତି । କିନ୍ତୁ ଧର୍ମକାର୍ଯ୍ୟ କରୁଥିବା ଲୋକଙ୍କ ଭିତରୁ ଅଧିକାଂଶ ନିଜର ଅନୈତିକ ଚିନ୍ତା, ଆଚରଣ ଓ କାର୍ଯ୍ୟକଳାପକୁ ମିଥ୍ୟା ଧାର୍ମିକତାରେ ଢାଙ୍କିବାକୁ ତତ୍ପର ଥିଲାପରି ମନେହୁଏ । ଧର୍ମ ତାଙ୍କର ନିରାପତ୍ତା ବ୍ୟବସ୍ଥା କରେ, ସାମାଜିକ ସମ୍ମାନ ବଢାଏ ଓ ସାଂସାରିକ ଅଶାନ୍ତି ଦୂର କରିବାକୁ ଅର୍ଥନୈତିକ ସମୃଦ୍ଧି ଯୋଗାଏ । ଧୂର୍ତ୍ତ ଓ ଦୁର୍ନୀତିଗ୍ରସ୍ତ ମାତ୍ରେ ଆଜି ଧାର୍ମିକ। ଦୁର୍ନୀତି ଜନଜୀବନର ପ୍ରତିସ୍ତରକୁ ବ୍ୟାପିଥିବାରୁ ଧର୍ମର ଜାକଜମକ ବଢିଛି । ସମାଜରେ ଅଧିକାଂଶଙ୍କର କୌଣସି ପ୍ରକାର ଆଧ୍ୟାତ୍ମିକ ଅଶାନ୍ତି ନାହିଁ । ଆଧ୍ୟାତ୍ମିକ ଅଶାନ୍ତି ଥିଲେ ଧର୍ମର ବାହ୍ୟ ଆଡମ୍ବର ପ୍ରତି

ମଣିଷର ଏତେ ଉତ୍ସାହ ପ୍ରକାଶ ପାଆନ୍ତା ନାହିଁ । ଆଧୁନିକ ଓଡ଼ିଆ କବିତାରେ ଆମ ଆଧ୍ୟାତ୍ମ୍ ଜୀବନର କେନ୍ଦ୍ରଚ୍ୟୁତି ସମ୍ବନ୍ଧରେ ଗଭୀର ସଚେତନତା ବିଦ୍ୟମାନ । ଆଧୁନିକ କବିମାନଙ୍କୁ ଏକନିଷ୍ଠ ଧର୍ମପ୍ରାଣ ବ୍ୟକ୍ତି ବୋଲି କେହି ଅବଶ୍ୟ କହିବେ ନାହିଁ । କିନ୍ତୁ ଆଧୁନିକ କବିତାର କାବ୍ୟ-ନାୟକ ମାତ୍ରେ ଅଶେଷ ଆଧ୍ୟାତ୍ମିକ ଅଶାନ୍ତି ଭୋଗୁଛନ୍ତି । ସେମାନଙ୍କୁ ପ୍ରାୟ ଭୟାବହ ସଂଶୟ ଓ ଅନିଶ୍ଚୟତା ଭିତରେ ଗତି କରିବାକୁ ପଡ଼ିଛି । ଯେକୌଣସି ଭାଷାର କବିତାରେ ନୂତନତ୍ୱର ଅର୍ଥ ସାର୍ବଜନୀନ ଜୀବନ ଧାରଣ ବିରୁଦ୍ଧାଚରଣ କିମ୍ବା ବ୍ୟତିକ୍ରମ ନୁହେଁ । ଏହା ଏକ ନବ ମୂଲ୍ୟାୟନ, ଆଧୁନିକ କବି ଆଚରିତ ସାରଲ୍ୟ ବିଫଳତାରେ ବିଷର୍ଣ୍ଣ, ଭକ୍ତି ଏବଂ ବିଶ୍ୱାସର ପତନରେ ବିଚଳିତ । ମୂଲ୍ୟବୋଧର ପରିବର୍ତ୍ତନରେ ବିମର୍ଷତାର କବିତା, ତେଣୁ ଗୋଟିଏ ନୂଆ ବିଶ୍ୱାସ ଏବଂ ନୂଆ ମୂଲ୍ୟବୋଧ ସନ୍ଧାନରେ ବ୍ୟସ୍ତ । ଯୁଦ୍ଧୋତ୍ତର ପୃଥିବୀରେ ଜୀବନର ମୂଲ୍ୟହୀନତା ଓ ବ୍ୟକ୍ତିର ଲୋପସତ୍ତା ଆଜିର କବିକୁ ବଳିଷ୍ଠ ଚରିତ୍ର ସୃଷ୍ଟି କରିବାରେ ବାଧା ଦିଏ । କବିତାରେ ତେଣୁ ଆମେ ଆଜିର ମଣିଷର ନପୁଂସଙ୍କ ବ୍ୟକ୍ତିତ୍ୱକୁ ଦେଖିବାକୁ ପାଉ । ଏହି ମୁଖାହୀନ ଆକାରହୀନ ସ୍ଥିତିବାଦୀ ପ୍ରାଣୀର ଚିତ୍ର ପ୍ରାୟ ପ୍ରତ୍ୟେକ ସଫଳ ଆଧୁନିକ କବିତାରେ ଦେଖିବାକୁ ମିଳେ । ଯଥା-

'ନଦୀର ନିର୍ଜନ ପୋଲ ଧୂଆଁ ଆଉ କୁହୁଡ଼ିରେ ହଲେ
ଟେବୁଲ ଉପରେ ଆଶ୍‌ଟ୍ରେଟା ଖା ଖା କରେ,
ଫୁଲଦାନୀ ରୁକ୍ଷ ଦିଶେ ଶୁଖିଲା ଓ ଅର୍ଥହୀନ ଫୁଲେ,
ଏକ କାଠ ବୋଝେଇ ଟ୍ରକ୍ ଛୁଟିଯାଏ, ଫେରି ଆସି ପୁଣି,
ଅଧାକଟା ଗଛ ଡାଳେ ଛୁଟେ ତାର ତାର୍ଯ୍ୟକ ରୁଟିନ୍,
ନିସ୍ତବ୍ଧ ପଠାରେ ଏକ ଉଭା ଏକ ଗାଈ
ଆଖିର ଶୂନ୍ୟତା ଦେଇ କଳେ ମହାଶୂନ୍ୟର ଛାଉଣୀ ।''(୨)

କିମ୍ବା

''ଏଠି ଚିରସ୍ଥାୟୀ କଳ୍ପବଟ
ତାକୁ ଲାଗି ଯନ୍ତ୍ରଣାର ବାଉନ ଭଣ୍ଡାର
କାମ କଲେ ମୁକ୍ତି ମିଳେ ଆଉ କାମ ବାଳୁଙ୍ଗା ବାଛିବା
ଖୋଲାମେଲା କିଆରୀରେ ଛାଇସବୁ ପହରା ଦିଅନ୍ତି ଅହର୍ନିଶ
ଲୁହର ଛାଇରେ ତାରା ଦିଶେ, ଜହ୍ନ ଭାସେ
ଏବଂ ଜନତାକୁ ଚାହିଁ ମୁଁ କ୍ରୁଦ୍ଧ ଚିତ୍କାର କରେ
ଫୁଲ ବେକ ମୋଡ଼ି ଏମାନେ ଚୋବେଇ ଯାନ୍ତି
ସାମାନ୍ୟତମ କ୍ଷୁଧାରେ
ଟିକି ଟିକି ଖଣ୍ଡ ଖଣ୍ଡ କରି ମଲା ଲୋକଙ୍କୁ କରନ୍ତି
ବଣ୍ଟୁଆର ମାଝିସବୁ ଚରନ୍ତି ଘାଆରେ ।''(୩)

ଉପରୋକ୍ତ କାବ୍ୟାଂଶଗୁଡ଼ିକରେ ଅଧୁନାତନ ଜୀବନର ଦୈନ୍ୟଯନ୍ତ୍ରଣା ଏବଂ ପ୍ରାଣହୀନତା ଅତି ସ୍ପଷ୍ଟ ଭାବେ ଚିତ୍ରିତ । ଦିଗ୍‌ବିଦିଗ୍ ଶୂନ୍ୟ ନୈରାଶ୍ୟ, ଅବସାଦ ଓ ବ୍ୟର୍ଥତାରେ କାବ୍ୟ ନାୟକ ଅନେକତ୍ର ଭାଙ୍ଗିପଡ଼ିଛି । ତାହା କବି ସଚ୍ଚିଦାନନ୍ଦଙ୍କ ଲେଖନୀରେ ସାର୍ଥକ ରୂପ ନେଇଛି । ଯଥା:

''ତେଣୁ ମୁଁ ତ ଭଗ୍ନ ଜାନୁ, ଖସିପଡ଼େ, ମୋର ରାଇଫଲ ।
ଉଠାଇ ପାରେନା ଆଉ ଗାଣ୍ଡିବ ଯେ ହାତ ଥର ଥର,
ହେ ମୋର ଶେଷ ଚିହ୍ନ ! ସଂଗ୍ରାମର ଶୁଭ୍ର କ୍ଷତ ସବୁ !
ତୁମେ ମୋତେ ଶାନ୍ତି ଦିଅ, ଦିଅ ନିଦ୍ରା !
ଟାଣିଦିଅ ତୁମ ମାୟା ତମ୍ବୁ ।''

ଆଧୁନିକ କବିର ଭାବସତ୍ତା ଯେତେବେଳେ ଦୈନ୍ୟ ଚେତନାରେ ଜର୍ଜ୍ଜରିତ, ମୂଲ୍ୟବୋଧର ସନ୍ଧାନ ସେଠି ପ୍ରାୟ ଗତିହୀନ ରୂପେ ଦେଖାଦିଏ । ପ୍ରତ୍ୟେକ ଆଧୁନିକ କବି ସନ୍ଧାନର ସ୍ୱରୂପ ଲାଗି ଘଟଣା, ବ୍ୟକ୍ତି ଏବଂ ବ୍ୟଥିତ ପୃଥିବୀର ମନ୍ଥନରେ ହିଁ ଲିପ୍ତ । ତେଣୁ କବି ମୁକ୍ତିମାର୍ଗ ବା ବେଦନାର ଉପଶମ ଲାଗି ଆଶା ବିଶ୍ୱାସରେ ଭବିଷ୍ୟତକୁ ଅନାଇ ବସିଛି: ଆଧ୍ୟାତ୍ମିକ ଅସ୍ପୃହା ମଧ୍ୟରେ ଶାନ୍ତି ଖୋଜିଛି । ସୀତାକାନ୍ତ ମହାପାତ୍ରଙ୍କ 'କୁବୁଜା ପାଇଁ ଗୋଟିଏ ସଙ୍ଗୀତ, କବିତାରେ ଅଲୌକିକ ଶିଶୁ ଆର୍କିଟାଇପ୍ ମୃତ୍ୟୁଭୟ କଟାଇ ନିଶ୍ଚିତ ନବଜୀବନର ବାର୍ତ୍ତା ପ୍ରଚାର କରିଛି । ଜୀବନମୃତ୍ୟୁ କୋଳରୁ ମଣିଷର ଆଧ୍ୟାତ୍ମିକ ଆସ୍ପୃହା ଉଜ୍ଜ୍ୱଳ ବିଶ୍ୱାସରେ ସମୁଦ୍ୟତ ରହିଛି ।

ହେ ଅନାଦି ଶ୍ୟାମଘନ !
ଆଜି ତୋରି ପାଇଁ
ଦେହ ମନ ହୃଦୟ ଓ ଆତ୍ମାର ନିଦାଘ ଶେଷ
ରୌଦ୍ର ଜାଳ ନିପୀଡ଼ିତ ସମୟର ପଥ ଶେଷ
ସୀମିତ ଅପୂର୍ଣ୍ଣ ରୁଗ୍‌ଣ କୁବୁଜା ପ୍ରାଣ ମରୁ ଶେଷ
ସ୍ୱପ୍ନ କ୍ଷମା କୁଜା ଯେ
ଦେହ ମନ ହୃଦୟ ମଣ୍ଡାଇ
ବସିଅଛି ପଥ ତୋର ଚାହିଁ ।

-ଅଷ୍ଟପଦୀ-

କାବ୍ୟ ନାୟକର ନବଜୀବନର ପ୍ରତ୍ୟାଶା, ନୈରାଶ୍ୟରେ ଯେପରି ଆହତ ହୁଏ ଠିକ୍ ସେପରି ତା'ର ନୈରାଶ୍ୟ ବେଳେବେଳେ ଆଶାର କୁହୁଡ଼ିରେ କାହିଁ ଅନ୍ତର୍ହିତ ହୋଇଯାଏ । ଆଶା ଓ

ନୈରାଶ୍ୟର ଦ୍ୱନ୍ଦ୍ୱ ମଧ୍ୟରେ କାବ୍ୟ-ନାୟକର ବ୍ୟାକୁଳତା ଲକ୍ଷ୍ୟଣୀୟ । କବି ଗୁରୁପ୍ରସାଦ ମହାନ୍ତିଙ୍କ 'ଅକ୍ରୁର ଉବାଚ'ର କାବ୍ୟ ନାୟକ ବର୍ତ୍ତମାନ ଜୀବନରୁ ମୁକ୍ତି ଚାହେଁ- ଯେମିତି ଦିନେ ମୁକ୍ତି ଚାହିଁଥିଲା ଏଲିୟଟଙ୍କ କବିତାର କାବ୍ୟ ନାୟକ ବୃଦ୍ଧ ସିମିୟନ

ଅକ୍ରୁରର ପ୍ରାର୍ଥନା ଠିକ୍ ସିମିୟନ୍‌ର ପ୍ରାର୍ଥନାର ଅନୁରୂପ ଥିଲା-

'ମହାପ୍ରଭୁ ମୁକ୍ତି ଦିଅ- ଏହିଯାତ୍ରା ଶୁଭ ହେଉ ତୁମର ଦୟାରୁ
ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ
ତୁମର ସଂହାର ଡେଇଁ
ବହୁତ ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ''

ଧର୍ମ, ନ୍ୟାୟ, ନୀତି, କରୁଣା ଓ କୋମଳତାର ଅଧ୍ୟାୟ ପୃଥିବୀରୁ ଅଚିରେ ଶେଷ ହେବ । ସେହି ସର୍ବାନ୍ତକ ନିଦାରୁଣ ସଂହାର ମୁହୂର୍ତ୍ତଟିର ବହୁପୂର୍ବରୁ ନାୟକ ମୁକ୍ତି ଚାହିଁଛି ।

ତଦ୍ରୂପ ରାଉତରାୟଙ୍କ 'ସ୍ୱଗତ' କବିତାର କାବ୍ୟ ନାୟକକୁ ବିଚାରର ପରିସର ମଧ୍ୟକୁ ନିଆଯାଇପାରେ । ଆଧୁନିକ ମଣିଷର ନିଷ୍ପ୍ରାଣ ଜୀବନବୋଧର ଛବି ଆଧୁନିକ କବିତା । ସେହି ଛବିରେ ସ୍ୱାଭାବିକ ଭାବରେ ଲକ୍ଷ୍ୟହୀନ ରୁଗ୍‌ଣ ମୂଲ୍ୟବୋଧ ନଷ୍ଟକ୍ଷୟିଷ୍ଣୁ ମଧ୍ୟବିତ୍ତ ଓଡ଼ିଆ ସମାଜର କ୍ଳାନ୍ତି, ଅବସାଦ, ଅସହାୟତା ଓ ନପୁଂସକତ୍ୱ ଫୁଟିଛି । 'ସ୍ୱଗତ' କବିତାର ନାୟକ ଅନ୍ୟାୟ ଅବିଚାର, ଦୁଃଖ, ନୈରାଶ୍ୟ ବିରୋଧରେ ନିଜର ମାର୍କସୀୟ ବନ୍ଧୁକ ଉତ୍ତୋଳନ କରି ଯୁଦ୍ଧରତ ଥିଲା। କିନ୍ତୁ ତାର ସମସ୍ତ ସଂଗ୍ରାମ ବିଫଳ ହୋଇଥିଲା । ସେ ସଂଗ୍ରାମରୁ ବିରତି ନେଇ ଭଗ୍ନଜାନୁ ଦୁର୍ଯ୍ୟୋଧନ ସମ, କଳାହୃତ ଅର୍ଜ୍ଜୁନସମ ପଡିରହିଲା । ସେ ହେଲା, ଅସହାୟ, ହୀନବଳ, ଏ ଆଧୁନିକ ଜୀବନର ନୈରାଶ୍ୟ, କ୍ଳାନ୍ତି, ଅବସାଦ ତାକୁ ଗ୍ରାସ କରିବାକୁ ଅଗ୍ରସର ହେଲେ । ସେ ଭୟରେ ଥର ଥର ହେବାକୁ ଲାଗିଲା । ମୃତ୍ୟୁର ତୀକ୍ଷ୍ଣ ହସ ପିଚକାରୀ ପରି ଦେହରେ ତାର ବିଦ୍ଧ ହେଲା । ସେ ଡରିଲା-

''ଏ ମୋର ବିକଳ୍ପ ସତ୍ତା ଯେବେ ନିଆ ଗାଢେ
ଆପଣାକୁ ପ୍ରଦକ୍ଷିଣ କରେ,
ଜ୍ୱଳନ୍ତ ବିଷୁବ ଘରେ ଶରୀର ଭେଦରେ
ମୁଁ କାହିଁକି ଡରେ ମୋ ପ୍ରେତରେ ?
ପୁଣି କିଆ ମୁଁ ନିଆଁରେ ଖେଳେ ?
ମୋ ହାତରେ ଗଢା ପଶାକାଠି ମୁଁ ଗଡାଇ
ଚାହେଁ କିସ ଦୋ ମୁହାଁ ଆଶାରେ ?
ମୋ ନିଆଁ ନିଭାଳୀ ଦେହେ କେଉଁ ଆକର୍ଷଣେ
ଗ୍ରାସେ ଯେବେ ମୃତ୍ୟୁର ଭଗ୍ନାଂଶ ।'' (୬)

ବର୍ତ୍ତମାନ ଜୀବନରୁ କବି ରାଉତରାୟଙ୍କ 'ସ୍ୱଗତ' କବିତାର ନାୟକ ପରିତ୍ରାଣ ଲୋଡୁଛି । ସେ କ୍ଷତାକ୍ତ ହୋଇଛି ଏହି ସମାଜରେ, ତେଣୁ ଆଉ ଭରସାର ତମ୍ବୁଘର ଟାଣିରହି ହେବନି ବୋଲି ତା'ର ନୈରାଶ୍ୟଭାବ ପ୍ରକାଶ ପାଇଛି । ମୃତ୍ୟୁ ତାକୁ କବଳିତ କରିବାକୁ ଆଗଭର । ସେ ପଙ୍ଗୁ, ଅସହାୟ ହୋଇଯାଇଅଛି । ତେଣୁ ସେ ଖୋଜୁଛି ତ୍ରାହି । ଏହି ଯନ୍ତ୍ରଣାର ଯୂପକାଷ୍ଠରୁ ପରିତ୍ରାଣ ଖୋଜୁଛି- 'ସରଗର ଶୁଭ୍ର ଆମ୍ବୁଲାନ୍‌ସ'ର ପ୍ରତ୍ୟାଶା ପୋଷିଛି- ମାତ୍ର ସେହି ପ୍ରତ୍ୟାଶାରେ ମଧ୍ୟ ତା'ର ଭରସା ନାହିଁ ।-

''ବିଦଗ୍ଧ ପ୍ରାନ୍ତରେ ବସି ପୋଡା ମାଟି, ସିଝା ବିଲେ,
ଜଳା ଘାସେ କିଆଁ-
ବୁଣିବାର ସ୍ୱପ୍ନ ଦେଖେ ନୂଆ ବିହନର
କେବେ ପୁଣି ସେ ଅକ୍ଷି ତୃତୀୟା ?''

ପୋଡା ମାଟି, ସିଝା ବିଲରେ, ଯେତେ ନୂଆ ବିହନ ଅକ୍ଷି ତୃତୀୟାରେ ଅନୁକୂଳରେ ବୁଣିଲେ ମଧ୍ୟ ତାହା ଯେପରି କୌଣସି ସବୁଜ ଫସଲ ଉତ୍ପନ୍ନ କରିବାର ନୈରାଶ୍ୟରେ ପରିଣତ ହୋଇଥାଏ, ଆଜିର ନୈରାଶ୍ୟ ସେପରି ସର୍ବବ୍ୟାପକ । ନୈରାଶ୍ୟ ଆଶାର ଅନ୍ୟ ଏକ ଦିଗ । କବି ନବଜୀବନର ଆଶାପୋଷଣ କରୁଥିବାରୁ ବର୍ତ୍ତମାନ ଜୀବନ ପ୍ରତି ବିମୁଖ ହୋଇଛନ୍ତି। ପରିପୂର୍ଣ୍ଣତା ପ୍ରତି ଲାଳସା ରଖିଥିବାରୁ ସର୍ବବ୍ୟାପୀ ଶୂନ୍ୟତାର ଯନ୍ତ୍ରଣା ଭୋଗୁଛନ୍ତି । କବି ତା'ର ମୃତ୍ୟୁର ଅମୃତ ଉତ୍ତରଣ ପ୍ରୟାସ ରଖିଛି । ପାଠକକୁ ଅନ୍ଧାର ବିମୁଖ କରି ଆଲୋକର ସନ୍ଧାନ ନେବାକୁ ପ୍ରବର୍ତ୍ତାଇବାକୁ ଚାହିଁଛି । ଯାହା ସତ୍ୟ ତାହା ଆଜି କବିତା । କାବ୍ୟ ନାୟକ ପାଇଁ ବର୍ତ୍ତମାନ ଜୀବନର ଆଉ କୌଣସି ପ୍ରକାର ଆକର୍ଷଣ ନାହିଁ । ସେ ଚାହେଁ ପରିପୂର୍ଣ୍ଣତା ଆଉ ଦେଖେ ଅଛିଦ୍ର ଶୂନ୍ୟତା । ଏହି ନିଷ୍ଠୁର ବିଡମ୍ବନାରୁ ତାକୁ କେବଳ ଉଦାର ଈଶ୍ୱର କରୁଣା ଉଦ୍ଧାର କରିପାରେ । ଈଶ୍ୱର କରୁଣାରେ କବି ବିଶ୍ୱାସ ରଖୁଛି । ସବୁ ଯନ୍ତ୍ରଣାର ଶେଷ କେବଳ ଈଶ୍ୱର ପ୍ରାପ୍ତିରେ । ଏହା ହିଁ ଆଜିର କବି ତାର କବିତାରେ ଆଧ୍ୟାତ୍ମିକ ଅସ୍ପୃହା ଦେଇ ପ୍ରକାଶ କରୁଛି ।

କବି ରାଉତରାୟ ଏ ଯୁଗର ମାନବର ଶିଳ୍ପୀ । ସେ ଏ ଯୁଗ ମାନବର ସମସ୍ତ ଦ୍ୱନ୍ଦ୍ୱ, ଆନ୍ଦୋଳନ, ସଂଶୟ, ଚିନ୍ତାଧାରା ଓ ଆଦର୍ଶକୁ ନିଜ ଶିଳ୍ପରେ ସଫଳ ଭାବରେ ରୂପାୟିତ

କରିପାରିଛନ୍ତି । ତାଙ୍କର ବ୍ୟକ୍ତିତ୍ୱ ବଡ ଜୀବନ୍ତ, ନିରଳସ ଓ ସମୁଦ୍ୟତ।

''ଚାଲିବାଟା ଏକ ସତ୍ୟ ଜୀବନେ''(ସଂକ୍ରାନ୍ତି)

ଏହା ତାଙ୍କ ଜୀବନ ପଥର ନିତ୍ୟ କଥା । ପ୍ରତିକ୍ଷଣେ ସେ ନିଜର ରୂପାନ୍ତର ସଚେତନ 'ହେଉଛି ମୋର ରୂପାନ୍ତର ପ୍ରତିକ୍ଷଣ ।'- ପୂର୍ବପର- କେଉଁଠି ଅଟକି ରହିବାକୁ ସେ ପ୍ରସ୍ତୁତ ନୁହଁନ୍ତି । ତେଣୁ ସେ ଅବଲୀଳା କ୍ରମେ ଯେଉଁପରି ସବୁଜ କବିତାର କ୍ଷୀଣ ବନ୍ଧନ ତୁଟାଇ ପ୍ରଗତିଶୀଳ ସାହିତ୍ୟ ପ୍ରବର୍ତ୍ତନ କ୍ଷେତ୍ରରେ ସର୍ବାନ୍ତଃ- କରଣରେ ଆତ୍ମନିୟୋଗ କରି ହଠାତ୍ ଯଶସ୍ୱୀ ହୋଇ ଉଠିଥିଲେ ଠିକ୍ ସେହିପରି ସେ ଅଚିରେ ପ୍ରଗତିଶୀଳ ସାହିତ୍ୟର ମାୟା କଟାଇ ଆଧୁନିକ କବିତାର ଉଦଗାତା ରୂପେ ବିଖ୍ୟାତ ହୋଇଗଲେ । ମାର୍କସ୍‌ବାଦ ଦର୍ଶନ, ବୈଜ୍ଞାନିକ ସମାଜବାଦ, ସାମାଜିକ ବାସ୍ତବବାଦ ଓ ଗଣବିପ୍ଳବରେ ଆଜିବି ତାଙ୍କର ବିଶ୍ୱାସ ଅଛି । ସାଧାରଣ ମଣିଷର ଶୋଷଣ କଷଣ ଦୂର କରିବାକୁ ଆଜି ବି ତାଙ୍କର କବିତା ଆନ୍ତରିକ ଭାବରେ ନିଜର ସଚେତନ ପ୍ରଚେଷ୍ଟା ଅବ୍ୟାହତ ରଖିଛି । କିନ୍ତୁ ପ୍ରଗତିବାଦୀ କବିତାର ଉଚ୍ଚକଣ୍ଠ ବକ୍ତୃତା ଧର୍ମ, ପ୍ରତ୍ୟକ୍ଷ ଭାଷଣ ଓ ଅକୁଣ୍ଠିତ ପ୍ରବାହକୁ ଭାବାଳୁତାରେ ଅଧଃପତିତ ହେବାର ସେ ଯଥାଶୀଘ୍ର ଲକ୍ଷ୍ୟ କରିପାରିଥିଲେ । ତେଣୁ ଗଣଙ୍କୁ ଛାଡି ତାଙ୍କୁ ସ୍ୱଳ୍ପସଂଖ୍ୟକ ବୁଦ୍ଧିଜୀବୀ ପାଠକଙ୍କ ଉଦ୍ଦେଶ୍ୟରେ ମୁଖ ଫେରାଇବାକୁ ହେଲା । ମାୟକୋଭସ୍କି ଓ ହୁଇଟ୍‌ମ୍ୟାନଙ୍କ ଆବେଗଧର୍ମୀ ଉଚ୍ଛ୍ୱାସ ପରିହାର କରି ତାଙ୍କୁ ଏଲିୟଟୀୟ ମନନଧର୍ମୀ ସଂହତି ମଧ୍ୟରେ କବିତାର ମୁକ୍ତି ଖୋଜିବାକୁ ହେଲା । ଓଡ଼ିଆ କବିତା ଇତିହାସରେ ଆଧୁନିକ କବିତାର ଜନ୍ମ ମାତ୍ରେ ସିଧା ଭାବୋଦ୍‌ଗାର ଆଉ କାବ୍ୟଶିଷ୍ଟତା ହୋଇରହିନାହିଁ । କବିତା ଏଣିକି ହେବାକୁ ଚାହିଁଛି ପରିବେଶ ସଚେତନ, ବୁଦ୍ଧି ପ୍ରଧାନ ଓ ସଂଯତ ଆବେଗର ସୁଠାମ ନିର୍ମାଣ ।

ସବୁଜ ଯୁଗର ବହୁଶିଳ୍ପୀ ଯେତେବେଳେ କାବ୍ୟ କୁଞ୍ଜବନରେ କୁହୁ କେକା ଧ୍ୱନି ଓ ମୁରଲୀ ମୂର୍ଚ୍ଛନା ଶ୍ରବଣରେ ବ୍ୟସ୍ତ ଥିଲେ, ସମାଜର ନିର୍ମମ ବାସ୍ତବତାକୁ ଅବହେଳିତ କରି କଳ୍ପନାର ଅଳକାପୁରୀ ନିର୍ମାଣ କରିବାକୁ ସ୍ୱପ୍ନ ଦେଖୁଥିଲେ ଏବଂ ମଣିଷର ସାମାଜିକ ଶକ୍ତି ଓ ସଂହତି ଗୌରବକୁ ଅସ୍ୱୀକାର କରି ଆତ୍ମକୈନ୍ଦ୍ରିକ ମୁକ୍ତି ସ୍ୱପ୍ନରେ ସଫଳ ଗୀତିହାର ସୃଷ୍ଟି କରୁଥିଲେ, ସେତେବେଳେ ତରୁଣ କବି ରାଉତରାୟ ମାନବର ବିପୁଳ ଶକ୍ତିମତ୍ତାରେ ସଚେତନ ହୋଇ ତା'ର ଭବିଷ୍ୟତର ବିପୁଳ ସମ୍ଭାବନାକୁ ଲକ୍ଷ୍ୟ କରି ତା' ପାଦପୀଠରେ ହିଁ ନିଜର ପ୍ରଣତି ବାଢିଛନ୍ତି ।

''ସରଗର ସିଂହଦ୍ୱାର ଆଜି ଥର ହର
ମାନବର ପଦାଘାତେ ପଶୁତ୍ୱ ବିକଳ
ଗୌରବର ଆଲିଙ୍ଗନେ ଶୋହେ ତାର ଭାଲ
ହେ ମାନବ ! ସ୍ୱର୍ଗ ଜୟୀ ! କୋଟି ନମସ୍କାର ।''

(ମାନବ-ଉତ୍କଳ ସାହିତ୍ୟ)

କବି ଜୀବନରେ ପ୍ରଥମ ରୋମାଣ୍ଟିକ କବିତା 'ପାଥେୟ' ପ୍ରକାଶିତ ହୁଏ ୧୯୩୫ ସାଲରେ ଜୀବନର ଗଭୀର ରହସ୍ୟମୟ ଦୃଷ୍ଟିସନ୍ଧାନ ନେଇ । କିନ୍ତୁ ତା'ପରେ ସୃଷ୍ଟିଗୁଡିକରେ ସ୍ୱପ୍ନ କୁହେଳି କବିଙ୍କ ଚକ୍ଷୁ ସମ୍ମୁଖରୁ ଅନ୍ତର୍ହିତ ହୋଇଯାଇଅଛି ଏବଂ ତା' ସ୍ଥାନରେ ଦେଖାଦେଇଛି ବାସ୍ତବ, ତୀର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ଯାହାର ପରିଚୟ ଆମେ ପାଉଥାଉ, 'ପଲ୍ଲୀଶ୍ରୀ', 'ବାଜିରାଉତ', 'ପାଣ୍ଡୁଲିପି', 'ଅଭିଜ୍ଞାନ', 'ହସନ୍ତ', 'ଭାନୁମତୀର ଦେଶ' ପ୍ରଭୃତି ଗ୍ରନ୍ଥରେ ।

''ଜୀବନଟା ଘନୀଭୂତ ପ୍ରହେଳିକା ପରି
ମୋ ନିକଟେ ଦିଏ ଦେଖା ନପାରେ ମୁଁ ଧରି,
କେବେ ଆସେ ରାଜବେଶେ କେବେ ଭିକ୍ଷୁ ପରି,
ସେ ରୁଦ୍ଧ ରହସ୍ୟ-ଦ୍ୱାର କେ ପାରିବ ଖୋଲି''

(ପାଥେୟ)

କବି ନୈରାଶ୍ୟବାଦୀ ନହୋଇ ମର୍ତ୍ତ୍ୟର ବିପନ୍ନ ଅଧୋଗତିର କାରଣ ଅନୁସନ୍ଧାନ କରିବାକୁ ସ୍ଥିର ନିଶ୍ଚିତ । ସେ ବାସ୍ତବତା ବିମୁଖ ନହୋଇ ଦୁଃଖ ଦୁର୍ଦ୍ଦଶା ମଧ୍ୟ ଦେଇ ଏଇ ଧୂଳିମୟ ସଂସାରରେ ନିଜର ସାଧନା ଓ ସନ୍ଧାନ ପାଇଁ ସ୍ୱର୍ଣ୍ଣ ସିଂହାସନ ଦୃପ୍ତ ଗୌରବରେ ନିର୍ମାଣ କରିଛନ୍ତି ।

''ପାପ, ତାପ,ଶୋକଭରା ଧୂଳିର ସଂସାରେ
ଜୀବନଇ ଦୃପ୍ତ ଅହଙ୍କାରେ
ରହିଛି ମୁଁ ଅଳକାର ତ୍ରିଦିବ ନନ୍ଦନ
ପ୍ରାଣେ ମୋର ଅମୃତ ସ୍ପନ୍ଦନ''

(ପାଥେୟ)

ବାସ୍ତବବାଦୀ କବିର ଦୃଷ୍ଟିକୋଣ ଅଧିକ ସ୍ପଷ୍ଟ ହୋଇଉଠିଲା । ଧ୍ୱଂସର ଧରିତ୍ରୀର ଶ୍ରଦ୍ଧେୟ ସାଧକଙ୍କର ବାସ୍ତବମୁଖୀ ଚିନ୍ତାଧାରା 'ପଲ୍ଲୀଶ୍ରୀ' କାବ୍ୟ ଗ୍ରନ୍ଥରେ ଆତ୍ମପ୍ରକାଶ କରିଥିଲେ ମଧ୍ୟ 'ବାଜିରାଉତ' ଗ୍ରନ୍ଥରେ ଅଧିକ ସ୍ପଷ୍ଟ ଭାବରେ ଆତ୍ମ ପ୍ରତିଷ୍ଠା ଲାଭ କଲା । ଅଗ୍ନିବୀଜର ସାଧକ କବି

ରାଉତରାୟଙ୍କର କଣ୍ଠସ୍ୱର ଅଧିକ ଆଗ୍ନେୟ ହୋଇ ସମର-ବିମୁଖ ଓ ପଳାୟନପନ୍ଥୀ କାବ୍ୟ-ସାଧକମାନଙ୍କୁ ଲକ୍ଷ୍ୟ କରି ଘୋଷଣା କଲା-

'ଆରେ ଆରେ ପଳାୟନପନ୍ଥୀ
ପଳାଇବୁ ଆଜି କାହିଁ ଛିନ୍ନ କରି ଧରଣୀର ଗ୍ରନ୍ଥି
କାହିଁ ଭୀରୁ ନେବୁରେ ଆଶ୍ରୟ
ତୋର ସେଇ କୁଞ୍ଜ ବନ
ଦେଇ କି ସେ ପାରିବ ଅଭୟ ?'

କବି ବ୍ୟକ୍ତିତ୍ୱର ବିକାଶ ସହିତ ଶିଳ୍ପ-ବିକାଶର କ୍ରମ ବଳିଷ୍ଠତା ରାଉତରାୟଙ୍କ ସୃଷ୍ଟିରେ ଅତି ତୀକ୍ଷ୍ଣ ଭାବରେ ଦେଖାଦେଇଛି ଏବଂ କବିଙ୍କର ଯେଉଁ ଦୃଷ୍ଟି ଓ ମନନଭଙ୍ଗୀ ପାଥେୟ ବା ପୂର୍ଣ୍ଣିମାରେ ଆତ୍ମକୈନ୍ଦ୍ରିକ ଓ ଭାବଧର୍ମୀ ଥିଲା, ତାହା କ୍ରମେ ସମାଜକୈନ୍ଦ୍ରିକ ଓ ବାସ୍ତବଧର୍ମୀ ହୋଇଉଠିଛି । ତେଣୁ ମଣିଷ ପ୍ରତି ଓ ମଣିଷ ଦୁଃଖଦୁର୍ଦ୍ଦଶା ପ୍ରତି କବି-ପ୍ରାଣର ଆତ୍ମିକ ସଂଯୋଗ ଓ ସହାନୁଭୂତି କ୍ରମେ ନିବିଡତର ହୋଇଉଠିଛି । ମାୟାକୋଭସ୍କିଙ୍କ ପରି କବି ତାଙ୍କ କବିତା ମାଧ୍ୟମରେ ମର୍ମାର୍ଥକୁ ଉଦ୍ଧାର କରି ଗାଇଛନ୍ତି- ''ତେଜର ଶ୍ରମିକ ଭୟ, ଗାଅ ସବୁ ଆଜି ବିଶ୍ୱର ଯେତେ ପୀଡିତ ପ୍ରାଣର ଜୟ'' । ହୁଇଟ୍‌ମ୍ୟାନଙ୍କ ସଦୃଶ ।

କବି ରାଉତରାୟଙ୍କ କବିତାରେ ମଧ୍ୟ ଏହି ଗୁଞ୍ଜରଣ-

''ମୁଁ ସଚ୍ଚି ରାଉତରା
(ନୁହେଁ ଟାଗୋର ବା ଶେଲୀ)
ମୁଁ ଏଇ ମାଟିର ଧରା
ଆଉ ଏଇ ମାଟିର ଧରା,
ଆଉ ଆକାଶର କବି
କାମ ନୁହେଁ ମୋ' ଖାଲି ଆଙ୍କିବା କାଗଜର ଛବି ।
ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛାପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି,
ଏଇ ପୃଥିବୀର ସବୁ ମଣିଷ ଜାତି,
ତାର ପ୍ରତିଟି ଖବର
ରୂପପାଏ କବିତାରେ ମୋର ।''

ଆଧୁନିକ ଜୀବନର ସମସ୍ତ ଦ୍ୱନ୍ଦ୍ୱ, ସଂଘର୍ଷ, ଜଟିଳତା ଓ ବିଫଳତା ରାଉତରାୟଙ୍କ ଶିଳ୍ପରେ ରୂପାୟିତ ହେବା ସଙ୍ଗେ ସଙ୍ଗେ ତାଙ୍କ ସୃଷ୍ଟି ଅନ୍ତରାଳରେ ରହିଛି ଏକ ପ୍ରଚ୍ଛନ୍ନ ଶିଳ୍ପୀ ଯେକି ମନୁଷ୍ୟର ଦୁଃଖ ବିପାକ ପ୍ରତି ସମ୍ବେଦନଶୀଳ ହେବା ସଙ୍ଗେ ତାକୁ ମୁକ୍ତ ଓ ସ୍ୱାଧୀନ କରିବା ପାଇଁ ସତତ ସଂଗ୍ରାମରତ । ସମାଲୋଚକ ମାଥ୍ୟୁ ଆରନଲଡଙ୍କ ଭାଷାରେ, ସବୁ ଜାତିର ଓ ସବୁକାଳର କବିତାର ଚିରନ୍ତନ ସାମଗ୍ରୀ ହେଉଛି କ୍ରିୟା, ମାନବିକ କ୍ରିୟା ମାତ୍ର । କିନ୍ତୁ ଯେଉଁ କ୍ରିୟା, ମାନବକୁ ପ୍ରଗତି ପଥରେ ଅଗ୍ରସର ନକରାଏ, ବଞ୍ଚିବାକୁ- ମନୁଷ୍ୟ ପରି ବଞ୍ଚିବାକୁ ବଳିଷ୍ଠ କର୍ମପ୍ରେରଣା ପ୍ରଦାନ ନକରେ ସେ କ୍ରିୟା ନିଷ୍ଫଳ, ନିସ୍ପନ୍ଦ ଓ ତାହା କ୍ରିୟା ନାମରେ କ୍ରିୟାର ମୃତ୍ୟୁ ମାତ୍ର । ଏଭଳି ନିର୍ଜୀବ ଉତ୍ତାପହୀନ ଓ ଦୁର୍ବଳ ପ୍ରକ୍ରିୟା ଯେଉଁ କବିତା ବା ଶିଳ୍ପ ସୃଷ୍ଟି ମଧ୍ୟରେ ଆତ୍ମପ୍ରକାଶ କରିଥାଏ ସେ ଶିଳ୍ପ ନିର୍ଜୀବ ଓ ଉତ୍ତାପହୀନ ହୋଇଥାଏ ଏବଂ ତାର ଶିଳ୍ପୀ ମାନବିକ ପ୍ରଗତିର ସହାୟକ ନହୋଇ ଅନ୍ତରାୟ ବରଂ ହୋଇଥାନ୍ତି । ତେଣୁ ଏହି ଧରଣର ଆଧୁନିକ ଯୁଗର ଦୁର୍ବଳ ଶିଳ୍ପୀମାନଙ୍କୁ ଲକ୍ଷ୍ୟ କରି ରମାରଲାଁ କହିଛନ୍ତି,- ''ଯେଉଁ ନିଷ୍ଫଳ, ନିଷ୍ପ୍ରାଣ କଳା ଉପାସନାର ଅନ୍ଧକୂପରେ ଏ ଯୁଗର ଦଳେ ମସ୍ତିଷ୍କ ବିଳାସୀ ଆତ୍ମଗୋପନ କରି ଚିନ୍ତା ପାଇଁ ଚିନ୍ତାର ସାଧନାର ନିଶାରେ ମାତି ରହିବାକୁ ଚାହୁଁଛନ୍ତି, ସେମାନେ ଏକ ଅତଳସ୍ପର୍ଶୀ ଗହ୍ୱର ମୁହଁ ଉପରେ ଆସି ଛିଡା ହୋଇଛନ୍ତି । ସେମାନଙ୍କ ଦେହରୁ ଶବ ଗନ୍ଧ ନିର୍ଗତ ହେଉଛି । ଯାହା କାର୍ଯ୍ୟକରେ, ତାହା ହିଁ କେବଳ ଜୀବନ୍ତ ।' କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଚିନ୍ତାଧାରା ସର୍ବଦା ସକ୍ରିୟ, ଚେତନଧର୍ମୀ ଓ ଉତ୍ତାପଧର୍ମୀ । ତାଙ୍କ ଶିଳ୍ପୀ ମାନସ ସର୍ବଦା ଗତିଶୀଳ ଓ ଉଡ୍ଡାନପାଦ । ପ୍ରତି ମୁହୂର୍ତ୍ତରେ ଜୀବନର ବିରାଟ ଭବିଷ୍ୟତ ଓ ବିପୁଳ ସମ୍ଭାବନାକୁ ଏକାନ୍ତ ଆପଣାର କରିବା ପାଇଁ କବି ଜୀବନ ଓ ଗତିର ଉପାସନା ହିଁ କରିଛନ୍ତି । ପୃଥିବୀର ନୂଆ ଯୋଜନା, ନୂତନ ଶସ୍ୟର ମାନଚିତ୍ର, ଦେଖିବାକୁ କବି ଯେପରି ବ୍ୟାକୁଳ ସବୁଜ ମନର ନବୀନ ଚଟାଣରେ ନୂତନ ଫସଲର ଆହ୍ୱାନକୁ ରକ୍ଷା କରିବାରେ ସେହିଭଳି ସେ ଆଗ୍ରହୀ । ଗୌରବମୟ ଅତୀତକୁ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସମ୍ଭାବନାପୂର୍ଣ୍ଣ ଭବିଷ୍ୟତକୁ ବରଣ କରିବାର ଯେଉଁ ଦୃଢ ଶିଳ୍ପୀ ବିଶ୍ୱାସ ତାହା 'ଭାନୁମତୀର ଦେଶ'ର ବିନିତା ଚରିତ୍ର ମଧ୍ୟରେ ଅତି ଚମତ୍କାର ଭାବରେ ରୂପାୟିତ ହୋଇଛି ।

'କାହିଁକି ତୁମେ ଗାଇବ ନାହିଁ
ସେଇ ଫୁଲ ଫୁଟିବାର ଜୟ ତରଙ୍ଗ ।
ଏହା ହିଁ ତ ଜୀବନକୁ ଜୟକରିବାର କୌଶଳ,
ଆଉ ତା'ନକରି ଯଦି ରବି ଠାକୁରଙ୍କ
'ଶେଷରେ କବିତା' ଅମିତ ରାୟ ପରି
ଖାଲି ପଥ ମଝିର ଫୁଲଗଛ ପାଖରେ

ଅଟକି ଯାଅ
ତେବେ ସେ ପରାଜୟ
କ'ଣ କମ୍ ପରାଜୟ ତରଙ୍ଗ ?''

ପୁଣି ସମାଲୋଚକ ଲରେନ୍‌ସ ଡ୍ୟୁରେଲଙ୍କ ଭାଷାରେ, ଆମେ ଯଥାର୍ଥ ଭାବରେ ନ ବଞ୍ଚି ମୃତ୍ୟୁ-ମୁଖରେ ପଡୁଛୁ, ଏହା ସ୍ମରଣ କରାଇଦେବା ହିଁ କଳାର ଏକମାତ୍ର ଜୀବନ-ବାଣୀ ଯଦି ହୋଇଥାଏ, ଏହି ଶିଳ୍ପଦର୍ଶନ କବି ରାଉତରାୟଙ୍କର ସୃଷ୍ଟିରେ ଅତି ସୁନ୍ଦର ଭାବରେ ଅଭିବ୍ୟକ୍ତି ଲାଭ କରିଛି ।

ଯୁଗ ଓ ଜୀବନର ବିଶ୍ୱସ୍ତ ପ୍ରତିନିଧି ଓ ଲିପିକାର ଭାବରେ କବି ଏ ଯୁଗର ନୈରାଶ୍ୟ ଓ ଶୋଚନୀୟତା, ବ୍ୟଥା ଓ ବିଫଳତାକୁ ନିଜ ତୂଳିରେ ନିପୁଣ ଭାବେ ଲିପିବଦ୍ଧ କରିଛନ୍ତି । 'ପ୍ରତିମା ନାୟକ' 'ଅଳକା ସାନ୍ୟାଲ୍', 'ମାଟିଆ ବୁରୁଜର ଜହ୍ନ', 'ଅଦିନ ବର୍ଷା' ପ୍ରଭୃତି କବିତାରୁ ଏହା ଅବଧାରିତ ।

''ମୂକ ଓ ବଧିର ହେଲା ଯୌବନ, ତାରୁଣ୍ୟ ହେଲା ଖନା,
ବୟସର ଚିରମୁଖର ଝର୍ଣ୍ଣା, ଗ୍ରୀଷ୍ମର ପରୱାନ
ତଳେ ହେଲା ମୃତ, କାହିଁ ଅମୃତ ? କାହିଁ ଅଛି ପରକାଳ ?
ସବୁ ଖାଲି ଏକ ବିରାଟ ପ୍ରଶ୍ନ ଅଳୀକ ଇନ୍ଦ୍ରଜାଲ'' (ପଶ୍ନ)

ଏ ଯୁଗର ନୈରାଶ୍ୟରେ କବି ହତୋତ୍ସାହ ହୋଇନଯାଇ ଆଗାମୀ ବର୍ଣ୍ଣୋଜ୍ଜ୍ୱଳ ଦିନର ସ୍ୱପ୍ନ ଦେଖି ପୁଣି ଗାଇଛନ୍ତି-

''ଜାଣେ ଜାଣେ
ହୁଏତ ଉଦୟର ଏହା ହିଁ ଲକ୍ଷଣ ।
କାରଣ
ରାତିଇ ସକାଳର ପରିଚୟ
ମେଘଇ ବର୍ଷାର ସମ୍ବୋଧନ ।'' (ମାଟିଆ ବୁରୁଜର ଜହ୍ନ)

ହାସ୍ୟରସର ସ୍ରଷ୍ଟା ହିସାବରେ 'ହସନ୍ତ' ପୁସ୍ତକଟି ଶ୍ରୀ ରାଉତରାୟଙ୍କ ପ୍ରତିଭାର ପରିଚୟ ଦିଏ । 'ହସନ୍ତ' ପୁସ୍ତକଟି ବ୍ୟଙ୍ଗାଶ୍ରିତ ହାସ୍ୟରସ-ମୂଳକ କବିତାରେ ପରିପୂର୍ଣ୍ଣ । 'ଦେବଲୋକରେ ଘୋଡା ଦଉଡ', 'ବିରହ କଲିକ୍', 'ହନୁମାନର ଗୋତ୍ର', 'ଗୋପବନ୍ଧୁଙ୍କ ଶ୍ରାଦ୍ଧ', 'ସ୍ୱରାଜ୍ୟ ପୋଟଳ' ଓ 'ଆମ ଗାଁର ମୂରଲୀଧର ପଣ୍ଡା' ପ୍ରଭୃତି କବିତାଗୁଡିକ ଏ କ୍ଷେତ୍ରରେ ଏକ ଏକ ଜୀବନ୍ତ ଓ ସାର୍ଥକ ସୃଷ୍ଟି । ଏ ସମସ୍ତ କବିତାଗୁଡିକରେ ମଧ୍ୟ ଆମର ବ୍ୟକ୍ତିଗତ ତଥା ସାମାଜିକ ଦୋଷଦୁର୍ବଳତାଗୁଡିକ ପ୍ରତି ପ୍ରଚ୍ଛନ୍ନ ବ୍ୟଙ୍ଗବାଣ ମାରି ସୁସ୍ଥ ହାସ୍ୟରସ ଜରିଆରେ ସମାଜକୁ ଆତ୍ମସଚେତନ କରିବାକୁ କବି ଚେଷ୍ଟା କରିଅଛନ୍ତି ।

'ଭାନୁମତୀର ଦେଶ' ରାଉତରାୟଙ୍କର ଗଦ୍ୟ କାବ୍ୟ ଏବଂ ଓଡ଼ିଆ କବିତା କ୍ଷେତ୍ରରେ ଗଦ୍ୟଛନ୍ଦର ପ୍ରତିଷ୍ଠା ରାଉତରାୟଙ୍କ ହାତରେ କିପରି ପୂର୍ଣ୍ଣତା ଅର୍ଜନ କରିଛି, ଏହି କାବ୍ୟଟି ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଉକ୍ତ କାବ୍ୟରେ ପ୍ରେମାନୁଭୂତିର ବର୍ଣ୍ଣନାରେ ନିଜର ବାସ୍ତବ ଦୃଷ୍ଟିଭଙ୍ଗୀର ପରିଚୟ ଦେବା ସଙ୍ଗେ ସଙ୍ଗେ କବି ଏଠାରେ ପ୍ରେମିକ ପ୍ରାଣର ଏକ ବଳିଷ୍ଠ ବିଜୟୀ ଓ ଗତିଧର୍ମୀ ପୁରୁଷକାରର ପରିଚୟ ପ୍ରଦାନ କରିଛନ୍ତି । ପ୍ରେମାନୁଭୂତିର ବର୍ଣ୍ଣନାରେ ଏ ପ୍ରକାର ବଳିଷ୍ଠ ଓ ପୌରୁଷୋଚିତ ଦୃଷ୍ଟିଭଙ୍ଗୀ ଓଡ଼ିଆ କବିତା କ୍ଷେତ୍ରରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କର ହିଁ ନିଜସ୍ୱ ।

ପୁଣି ବହୁ ନୂତନ ଉପମା ଓ ଚିତ୍ରକଳ୍ପ ସୃଷ୍ଟିରେ ରାଉତରାୟଙ୍କ ମୌଳିକତା ପରିଲକ୍ଷିତ ହେବା ସଙ୍ଗେ ତାଙ୍କର କାବ୍ୟ ଶିଳ୍ପ ସୃଷ୍ଟି ସେ ସମସ୍ତ ଉପମା ଚିତ୍ରକଳ୍ପ ଦ୍ୱାରା ବିଚିତ୍ର ଓ ବର୍ଣ୍ଣାଢ୍ୟ ହୋଇଉଠୁଛି । 'ଆକାଶର ହରିତ ନିମନ୍ତ୍ରଣ', 'ଶଙ୍କାର ଥଣ୍ଡା ଜୀବାଣୁ', 'ରେଶମ ପରି ପିଚ୍ଛିଳ ଆତଙ୍କ', 'ଜାପାନୀ କାଗଜଫୁଲ ପରି ବୟସର ଧୂଳି', 'ଛୁଟିର ଅଳସ ମଦ', 'ଘାସର ବିପୁଳ ହ୍ରଦ' ପ୍ରଭୃତି ଅସଂଖ୍ୟ ନୂତନ ଉପମା, ରୂପକ ସହିତ କବି ଚିନ୍ତା ଓ ଅର୍ଥର ସଂହତି ରକ୍ଷା କରି ପାଠକ ପ୍ରାଣରେ ବର୍ଣ୍ଣନାକୁ ଜୀବନ୍ତ ଓ ସକ୍ରିୟ କରାଇ ପାରିଛନ୍ତି । ଏହି ନୂତନ ଉପମା ଓ ରୂପକ ସୃଷ୍ଟି 'ଭାନୁମତୀର ଦେଶ'ରେ ସର୍ବାଧିକ ପରିମାଣରେ ପରିଦୃଷ୍ଟ-

''ଓଟର ବଙ୍କା କୁଜ ପରି
ଏଇ ସବୁ ଘୁମନ୍ତ ପାହାଡ,
ଯେମିତି ଗୋଟାଏ ଗୋଟାଏ
ମସ୍ତବଡ ପିଲିସଜ ।
ତା'ଉପରେ ସକାଳ ଆଉ ସଞ୍ଜବେଳେ
ସୂର୍ଯ୍ୟ ଦୀପ ଜଳେ ।''

ପୁରାତନ ମିଥର ଅବତାରଣା କରି କବି ରାଉତରାୟ ଏ ଜାତିର ଅସାମର୍ଥ୍ୟ ପୌରଷକୁ ଦୃଷ୍ଟିକୁ ଆଣିଛନ୍ତି । ଦିଗ୍‌ବିଦିଗ୍ ଶୂନ୍ୟନୈରାଶ୍ୟ, ଅବସାଦ ଓ ବ୍ୟର୍ଥତାରେ କାବ୍ୟ ନାୟକ ଅନେକତ୍ର ଭାଙ୍ଗିପଡିଛି, 'ସ୍ୱଗତ' କବିତାର ଏକ ପଂକ୍ତିକୁ ଏହି ପରିପ୍ରେକ୍ଷୀରେ ଅଣା ଯାଇପାରେ ।

''ତେଣୁ ମୁଁ ତ ଭଗ୍ନଜାନୁ, ଖସିପଡେ ମୋର ରାଇଫଲ ।
ଉଠାଇପାରେନା ଆଉ ଗାଣ୍ଡୀବ ଯେ ହାତ ଥର ଥର ।''

ଆହୁରି ମଧ୍ୟ କବିଙ୍କ 'ସ୍ୱଗତ' କବିତାର କାବ୍ୟ-ନାୟକ କ୍ଷତ-ବିକ୍ଷତ ବର୍ତ୍ତମାନ ଜୀବନରୁ ପରିତ୍ରାଣ ଲୋଡି ଶରୀରର

ଶୁଭ୍ର, ଆମ୍ଳାନସର ପ୍ରତ୍ୟାଶା ପୋଷିଛି– ମାତ୍ର ସେହି ପ୍ରାତ୍ୟାଶାରେ ତାର ଭରସା ରହୁନାହିଁ । ପୋଡା ଭୂଇଁରେ ସବୁଜ ଫସଲର ସ୍ୱପ୍ନ ନିଜ ଅସ୍ତିତ୍ୱରେ ହିଁ ସନ୍ଦେହ ଆଣିଛି– ସେ ନିଜକୁ ନିଜେ ପ୍ରଶ୍ନ କରିଛି– ନୂଆ ଜୀବନ ଆଉ ସମ୍ଭବ କି ?

"ମୋ ଆତ୍ମାକୁ ତୋଳି ନେଉ ତେବେ କ୍ଷତ–ଚଣା
ସରଗର ଶୁଭ୍ର ଆମ୍ଳାନ ବିଦଗ୍ଧ ପ୍ରାନ୍ତରେ ବସି ପୋଡା ମାଟି,
ସିଝା ବିଲେ
ଜଳା ଘାସେ କିଆଁ–
ବୁଣିବାର ସପନ ଦେଖେ ନୂଆ ବିହନର
କେବେ ପୁଣି ସେ ଅକ୍ଷି ତୃତୀୟା ?"

ଉପରୋକ୍ତ ପଂକ୍ତିଗୁଡିକ ଓଡ଼ିଆ କାବ୍ୟ ପାଠକ ପ୍ରାଣରେ ଏକ ନୂତନ ଅନୁଭୂତିର ସଂଚାର କରେ । ଦୃଷ୍ଟି କୋଣ ଓ ଅନୁଭୂତି ରାଜ୍ୟକୁ ଯେଉଁ କବି ଗଭୀର ଓ ବିସ୍ତୃତ କରିପାରିଥାଏ, ସେ ଉଚ୍ଚକୋଟିର ଶିଳ୍ପୀ ଏଥିରେ ସନ୍ଦେହ ନାହିଁ । ଏ ଦୃଷ୍ଟିରୁ ଶ୍ରୀ ରାଉତରାୟଙ୍କର ମହତର ଶିଳ୍ପ– ସୃଷ୍ଟିର ଦାନ ଯେ ଯଥେଷ୍ଟ– ଏହା ନିଃସନ୍ଦେହ ।

ଯେଉଁସବୁ ତ୍ରୁଟି କବି ରାଉତରାୟଙ୍କ କବିତ୍ୱରେ ଦର୍ଶାଯାଏ ତାହା ଦାର୍ଶନିକ ରସେଲଙ୍କ ଉକ୍ତି ଅନୁସାରେ– "But now a days he (the poet) must either ignore contemporary life of fill his poems with words that are stark harsh," ଅତି ନଗଣ୍ୟ ।

ଅନ୍ୟାନ୍ୟ କ୍ଷେତ୍ର ପରି ଏ ଯୁଗର ସାହିତ୍ୟ କ୍ଷେତ୍ରରେ ଏକ ଆତ୍ମିକ ସଙ୍କଟ ଅବଶ୍ୟ ଦେଖାଦେଇଛି । ଶିଳ୍ପୀ ରାଉତରାୟ ନିଜ ଶିଳ୍ପ ସୃଷ୍ଟିର ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦର ଚତୁଃସୀମା ମଧ୍ୟରେ ବା କେତେବେଳେ ସମାଜବାଦର ପତାକା ତଳେ ଏହି ମାନବିକ ମୂଲ୍ୟବୋଧକୁ ପ୍ରସ୍ଫୁଟିତ କରିବାକୁ ଚେଷ୍ଟା କରିଛନ୍ତି । ଆଧୁନିକ ଯୁଗର ନାନା ବିପର୍ଯ୍ୟୟ, ବିଭ୍ରାନ୍ତି, ଅବକ୍ଷୟ ଓ କ୍ଳାନ୍ତିର ସ୍ୱର ତାଙ୍କ କଳା ସୃଷ୍ଟିରେ ଯେପରି ଲକ୍ଷଣୀୟ, କଳାର ସାମୟିକ କାଳ–ସୀମାକୁ ଅତିକ୍ରମ କରି ଏକ ବଳିଷ୍ଠ ମୁକ୍ତ ଓ ପ୍ରଗତିପ୍ରାଣ ମାନବଆତ୍ମାର କଣ୍ଠସ୍ୱର ତାଙ୍କ କଳାପୁରୀରେ ସେହିପରି ପ୍ରତିଧ୍ୱନିତ । ଶିଳ୍ପ ପ୍ରତିଭାର ମୌଳିକତା, ଦୃଷ୍ଟିଭଙ୍ଗୀର ସ୍ୱକୀୟତା ଏବଂ ଓଡ଼ିଆ କାବ୍ୟ କ୍ଷେତ୍ରରେ ଆନ୍ତର୍ଜାତିକ ସାହିତ୍ୟର ବିଭିନ୍ନ ଚିନ୍ତାଧାରା ଓ ଶିଳ୍ପ ଭଙ୍ଗୀର ଆହରଣ କବି ରାଉତରାୟଙ୍କ ବ୍ୟାପକ କବିତ୍ୱ ଓ ଉନ୍ନତ ଚିନ୍ତାଧାରା, ଶିଳ୍ପୀ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଏକ ସାହିତ୍ୟିକ ବିଶ୍ୱାବସୁରେ ପରିଣତ କରିଦେଇଛି । 'ଜ୍ଞାନପୀଠ' ପୁରସ୍କାର ପ୍ରାପ୍ତ ଏହି କୁଳବୃଦ୍ଧ କବି ଓଡ଼ିଆ କାବ୍ୟ– କବିତାକୁ ଯେଉଁ ନୂତନ ଧାରା ଦେଇଯାଇଛନ୍ତି ଏଯାବତ୍ ତାର ମୁଦ୍ରାଙ୍କ ସ୍ପଷ୍ଟ ଓ ଅନନ୍ୟ । ଆମ ସମୟର ଏହି ମହାନ କବି ଅଗଷ୍ଟ ୨୦୦୪ରେ ନିଜର ପ୍ରିୟଧରାକୁ 'ହେ ବନ୍ଧୁ ବିଦାୟ' କହି ମେଲାଣି ଘେନି ଚାଲିଯାଇଛନ୍ତି ।

ମହାନଦୀ ବିହାର, କଟକ–୪

# ଚଳିତବର୍ଷ ରାଜ୍ୟରେ ୩୦୦ଟି ନୂତନ ପଶୁଧନ ସହାୟତା କେନ୍ଦ୍ର ଖୋଲିବ

୨୦୧୨–୧୩ ଆର୍ଥିକ ବର୍ଷରେ ରାଜ୍ୟର ୩୦ଟି ଜିଲ୍ଲାରେ ବିଭିନ୍ନ ଗ୍ରାମପଞ୍ଚାୟତରେ ୩୦୦ଟି ନୂତନ ପଶୁଧନ ସହାୟତା କେନ୍ଦ୍ର ଖୋଲାଯିବ । ଏଥିମଧ୍ୟରୁ କଟକ ଓ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୦ଟି ଏବଂ ମୟୂରଭଞ୍ଜ ଜିଲ୍ଲାରେ ୧୮ଟି କେନ୍ଦ୍ର ଖୋଲିବ। ସମଗ୍ର ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଖାଲିଥିବା ପଶୁଧନ ନିରୀକ୍ଷକ ପଦବୀ ଏବଂ ପ୍ରତ୍ୟେକ ଜିଲ୍ଲାର ଆନିମଲ ପପୁଲେସନ୍‌କୁ ବିଚାରକୁ ନିଆଯାଇ ଏହି ସହାୟତା କେନ୍ଦ୍ର ଖୋଲାଯିବ । ସହାୟତା କେନ୍ଦ୍ର ଖୋଲି ନଥିବା ଗ୍ରାମପଞ୍ଚାୟତଗୁଡିକରେ ଏହି କେନ୍ଦ୍ର ଖୋଲିବ । ଏଥିପାଇଁ ସ୍ଥାନ ନିରୂପଣ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଜିଲ୍ଲା ପରିଷଦମାନଙ୍କୁ ଅନୁରୋଧ କରାଯିବ । ସେମାନଙ୍କର ମିଳିତ ଅନୁମୋଦନରେ ସ୍ଥାନ ଚୟନ ପରେ ନିର୍ମାଣକାର୍ଯ୍ୟ ଆରମ୍ଭ କରାଯିବ । ପ୍ରତି ପଶୁଧନ ସହାୟତା କେନ୍ଦ୍ର ଖୋଲିବା ପାଇଁ ୫ଲକ୍ଷ ୬୦ହଜାର ଟଙ୍କା ବ୍ୟୟ ହେବ । ଏଥିପାଇଁ ବାର୍ଷିକ ବଜେଟ୍‌ରେ ଆବଶ୍ୟକୀୟ ଅର୍ଥ ବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ପଞ୍ଚାୟତରେ ସମୁଦାୟ ୨୯୩୯ଟି ପଶୁଧନ ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି ।

ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ପଶୁଧନ ନିରୀକ୍ଷକମାନଙ୍କ ଉପଯୁକ୍ତ ତାଲିମ, ଭିତ୍ତିଭୂମି ବିକାଶ, ଗୁଣାତ୍ମକ ଚିକିତ୍ସା ଏବଂ ପଶୁସମ୍ପଦ ସହାୟତା ସେବା କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀ ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**May 2012**

| ୬୮ ଭାଗ | ୧୦ମ ସଂଖ୍ୟା | ବୈଶାଖ-ଜ୍ୟେଷ୍ଠ | ମଇ-୨୦୧୨ |
|---|---|---|---|

**ନିକୁଞ୍ଜ କିଶୋର ସୁନ୍ଦରାୟ**
ପ୍ରମୁଖ ଶାସନ ସଚିବ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦ୍ରଚନ୍ଦ୍ର ମଲ୍ଲିକ**
**ସଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ
**ମାନସ ନାୟକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

**କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ**
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

**ପ୍ରତିଖଣ୍ଡ : ଟ. ୫.୦୦**



ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।



ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in
ଫୋନ୍ : ୦୬୭୪-୨୫୩୦୨୧୧